# କଳାହାଣ୍ଡି ଉତ୍ସବ ଘୁମୁରା ଧର୍ମଗଡ଼ରେ ଉଦ୍‌ଘାଟିତ





**ଧର୍ମଗଡ, ୧୫ା୧ (ସମିସ)**

କଳାହାଣ୍ଡି ଐତିହ୍ୟ ସଂସ୍କୃତି ଓ ପରମ୍ପରାର ମହାମିଳନ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ରବିବାର ଧର୍ମଗଡରେ ଉଦଘାଟିତ ହୋଇଯାଇଛି। କଳାହାଣ୍ଡି ଧର୍ମଗଡ଼ ଉତ୍ସବ କମିଟିର ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ବିରଞ୍ଚିନାରାୟଣ ଦରୱାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ମଞ୍ଚରେ ସ୍ଥାପନ କରାଯାଇଥିବା ଆରାଧ୍ୟା ଦେବୀ ମାଁ ଭଣ୍ଡାରଘରଣୀଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ ପରେ ଶିଶୁ ମନ୍ଦିରର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଧର୍ମଗଡ଼ ବିଡିଓ ଡ଼ା. ହିମାଞ୍ଜଳ ମାଝୀ ସ୍ୱାଗତ ଅଭିଭାଷଣ ରଖିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌସୁଧି ବାଗ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ନର୍ଲା ବିଧାୟକ ଭୂପିନ୍ଦର ସିଂ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଲିଙ୍ଗରାଜ ପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଧର୍ମଗଡ ନଗରପାଳ ଅଶୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସାମର୍ଥ୍ୟ ଦୃଷ୍ଟି ହୀନ ସଂଘ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ମନୋରଞ୍ଜନ କରିବା ପାଇଁ ଉତ୍ସବ କମିଟି ତରଫରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ୍ ବାନ୍ଧି ରଖିଥିଲା। ଧର୍ମଗଡ଼ଠାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଭବାନୀପାଟଣା ବାବା ରବିଦାସ ସାଂସ୍କୃତିକ ଘୁମୁରାଦଳ, କୋଶଳ ଲୋକନୃତ୍ୟ ବଲାଙ୍ଗୀର, କଟକର ନଟରାଜ ଡ୍ୟାନ୍ସ ଗ୍ରୁପ, ଝାରଖଣ୍ଡର ମୁଣ୍ଡାରୀ, ଜଗତସିଂହପୁର ଘୋଡାନାଚ, କଟକର ସିଂଘମ ଗ୍ରୁପ, ପଶ୍ଚିମବଙ୍ଗର ପୁରୁଲିଆ ଛଉ, ମାଁ ଡୋକରୀ ସାଂସ୍କୃତିକ ଅନୁଷ୍ଠାନ, ରିମଝିମ ମେହେରଙ୍କ ଓଡିଶୀ, ସୁଗମ ସଙ୍ଗିତ ଚାରବାହାଲ ଆଦି ପ୍ରଦର୍ଶିତ ହୋଇଥିଲା। ସାଂସ୍କୃତିକ ସନ୍ଧ୍ୟାକୁ ରାଜେନ୍ଦ୍ର ମୁନି, ସଂଜୀବ ମୁଣ୍ଡ, ମାନସ ରଞ୍ଜନ ମୁଣ୍ଡ, ପ୍ରାଞ୍ଜଳ ଠାକୁର, ପ୍ରଶାନ୍ତ ପଣ୍ଡା, ଗୋପାଳ ମେହେର ପରିଚାଳନା କରିଥିଲେ।

● ଉପଖଣ୍ଡସ୍ତରୀୟ 'ଘୁମୁରା'

## ମା' ଭଣ୍ଡାର ଘରଣୀ ଦେବୀଙ୍କ କଳସ ଯାତ୍ରା



**ଧର୍ମଗଡ଼, ୧୫ା୧(ସମିସ):** କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୪ ପାଇଁ ଆଜି ଧର୍ମଗଡ ମା' ଭଣ୍ଡାର ଘରଣୀଙ୍କ ମନ୍ଦିରରୁ ବିଶାଳ କଳସ ଯାତ୍ରା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ମନ୍ଦିରରୁ କଳସ ଯାଇ ମୁଖ୍ୟ ମଞ୍ଚରେ ସ୍ଥାପନା ଓ ମଞ୍ଚ ପୂଜା କାର୍ଯ୍ୟକ୍ରମ ମନ୍ଦିର ପୂଝାରୀ ଉତ୍ସବ କମିଟିର କର୍ମକର୍ତ୍ତାଙ୍କ ଗହଣରେ ଶେଷ ହୋଇଯାଇଛି। ଧର୍ମଗଡ ଉପଜିଲ୍ଲାପାଳ ବିରଞ୍ଚି ନାରାୟଣ ଦରୱାନ ସମେତ ବିଭିନ୍ନ ଉପ କମିଟିର କର୍ମକର୍ତ୍ତା ବିଷ୍ଣୁପ୍ରସାଦ ଅଗ୍ରୱାଲ, ବିଦ୍ୟାଧର ସାହୁ, ବିରଞ୍ଚି ନାରାୟଣ ଜାଲ, ଆକାଶ ଜଗତ, ଚନ୍ଦ୍ରଧ୍ୱଜ ଲହଜଳ, ଲିଙ୍ଗରାଜ ପାତ୍ର, ରାଜେନ୍ଦ୍ର ମୁନି, ସୁଶ୍ରୀ ହିରା ବାଗ, କ୍ଷୀରୋଦ ବାଗ, ସୁବାସଚନ୍ଦ୍ର ପାଣିଗ୍ରାହୀ, ଘନଶ୍ୟାମ ଅଗ୍ରୱାଲ, ଇଙ୍ଗିତ ପଣ୍ଡା, ଅଂଶୁମାନ ପାତ୍ର, ବୈଦ୍ୟନାଥ ବେହେରା, କଳସ ଯାତ୍ରା କମିଟିର ଅଧ୍ୟକ୍ଷ ଗିରିଧାରି ନାଏକ, ସୌମ୍ୟରଞ୍ଜନ ନାଏକ, ଜଗା ବାଗ ଏବଂ ଶହ ଶହ ଭକ୍ତ ସାମିଲ ହୋଇଥିଲେ। ତିନି ଦିନ ଧରି ମା' ମୁଖ୍ୟ ମଞ୍ଚରେ ପୂଜା ପାଇବେ। ୧୮ ତାରିଖ ମା'ଙ୍କ କଳସ ମନ୍ଦିର ପ୍ରତ୍ୟାବର୍ତ୍ତନ କରିବ। ଚଳିତ ବର୍ଷ ଧର୍ମଗଡ ଉପଖଣ୍ଡ ଜୟପାଟଣା ବ୍ଲକର ଘୁମର ଜଳପ୍ରପାତ ଓ ଘୁମେଶ୍ୱର ଶୈବପୀଠକୁ ଧର୍ମଗଡ ଉତ୍ସବ ମଞ୍ଚର ରୂପ ଦିଆଯାଇଛି।

### ଘୁମୁରା ପ୍ରତିଯୋଗିତା

ଧର୍ମଗଡ ଉପଖଣ୍ଡସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ସୋମବାର ଆରମ୍ଭ ହୋଇଯାଇଛି। ରବିବାର ଘୁମୁରା ପ୍ରତିଯୋଗିତାରେ ମୋଟ ୬ଟି ଘୁମୁରା ଦଳ ଭାଗ ନେଇଥିଲେ। ପ୍ରଥମ ସ୍ଥାନ ଭବାନୀପାଟଣାର ବାବା ରବିଦାସ ସାଂସ୍କୃତିକ ଅନୁଷ୍ଠାନ ହୋଇଥିବା ବେଳେ ୨ୟ-ମୋଟେର ଚମେଶ୍ୱର ଘୁମୁରା ଦଳ, ୩ୟ ସ୍ଥାନରେ ରଜାମୁଣ୍ଡାର ମା' ଡୋକରି କଳା ପରିଷଦ ଓ ମା' ଡୋକରି କଳାପରିଷଦ ନୂଆପଡା କାଶିବାହଲ ହୋଇଥିଲେ। ମୁଖ୍ୟଅତିଥି ଭାବେ ଧର୍ମଗଡ ଏନଏସି ଅଧ୍ୟକ୍ଷ ଅଶୋକ ମହାନ୍ତି ଯୋଗ ଦେଇଥିବା ବେଳେ କଳାହାଣ୍ଡି ଉତ୍ସବ ଘୁମୁରା କମିଟି ଅଧ୍ୟକ୍ଷ ରମଣୀକାନ୍ତ ଜାଲ, ବରିଷ୍ଠ ସାମ୍ବାଦିକ ଚନ୍ଦ୍ରଧ୍ୱଜ ଲହଜଳ, ବିଶ୍ୱ ବେହେରା, ଜିତୁ ଜାଲ, ପରମେ ଜାଲ, ବଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଜଜ ଭାବେ ପ୍ରଦୀପ ପଣ୍ଡା,ସନାତନ ଜାଲ, ରଷିମଣି ମାଝୀ ଦ୍ରୋଣା ଚାର୍ଯ୍ୟ ଭାଇସାଲ ଦାୟିତ୍ୱ ତୁଲାଇଥିଲେ।

## ସାବାସ୍ ପୌର ସଫେଇ କର୍ମଚାରୀ



**ଭବାନୀପାଟଣା, ୧୫ା୧(ସମିସ):** କଳାହାଣ୍ଡି ଉତ୍ସବ ଅବସରରେ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡ଼ିୟମ ପରିସରରେ ୩୫୦ରୁ ଅଧିକ ଷ୍ଟଲ, ୫୦୦ରୁ ଅଧିକ ଉଠାଦୋକାନୀ, ବୁଲା ବିକାଳିଙ୍କ ସହିତ ପ୍ରଥମ ଦିନରେ ହିଁ ଲକ୍ଷାଧିକ ଜନସାଧାରଣଙ୍କ ସମାଗମ ଯୋଗୁଁ ଷ୍ଟାଡ଼ିୟମ ପରିସରରେ ବେଶ୍ ଅଳିଆ ଆବର୍ଜନା ଜମିଥିଲା। ଆଜି ସକାଳୁ ସକାଳୁ ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ଉପାଧ୍ୟକ୍ଷ ବିଷ୍ଣୁ ପ୍ରଧାନଙ୍କ ନେତୃତ୍ୱରେ ୨୦ରୁ ଅଧିକ ସଫେଇ କର୍ମଚାରୀ ଷ୍ଟାଡ଼ିୟମରୁ ଅଳିଆ ଆବର୍ଜନା ହଟାଇଥିଲେ। ଦିନତମାମ ସଫେଇ କର୍ମଚାରୀ ଜାଗତିଆର ଥିବା ଦେଖିବାକୁ ମିଳିଥିବାବେଳେ ଉତ୍ସବ ପଡ଼ିଆରେ ଧୂଳି ନିୟନ୍ତ୍ରଣ ପାଇଁ ଟ୍ୟାଙ୍କର ଯୋଗେ ପାଣି ସିଞ୍ଚନ କରାଯାଇଥିଲା। ପୌର ପରିଷଦ କର୍ତ୍ତୃପକ୍ଷ ଏବଂ ସଫେଇ କର୍ମଚାରୀଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରଶଂସା କରାଯିବା ସହିତ ଅନେକେ କହିଛନ୍ତି ସାବାସ୍ ପୌର ପରିଷଦ।

## ବେଦାନ୍ତ ଷ୍ଟଲ୍‌ର ଆକର୍ଷଣ

**ଭବାନୀପାଟଣା, ୧୫ା୧(ସମିସ):** କଳାହାଣ୍ଡି ଉତ୍ସବ ଘୁମୁରା ପଡ଼ିଆରେ ଲାଞ୍ଜିଗଡସ୍ଥିତ ବେଦାନ୍ତ କମ୍ପାନୀ ପକ୍ଷରୁ ଷ୍ଟାଡିୟମଠାରେ ନିର୍ମିତ ଆଦିବାସୀ ଡଙ୍ଗରିଆ ଷ୍ଟଲ ପ୍ରତି ଦର୍ଶକଙ୍କ ଆକର୍ଷଣ ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲ୍ଲାପାଳ ଓ ଅନ୍ୟ ଅତିଥିମାନେ ଏହି ବେଦାନ୍ତର ଷ୍ଟଲକୁ ଉଦଘାଟନ କରିଥିବା ବେଳେ ଏହି ସ୍ଥଳରେ ନିୟମଗିରି ପର୍ବତରେ ବାସ କରୁଥିବା ଆଦିବାସୀ ଡଙ୍ଗରିଆଙ୍କ ଜୀବନଶୈଳୀ, ପରମ୍ପରାକୁ ସ୍ଥାନ ଦେଇଛନ୍ତି ବେଦାନ୍ତ କର୍ତ୍ତୃପକ୍ଷ। ଦର୍ଶକ ମଧ୍ୟରେ ଏନେଇ ଉତ୍ସୁକତା ପ୍ରକାଶ ପାଇଛି।



## କଳାହାଣ୍ଡି ଉତ୍ସବ ଉପଲକ୍ଷେ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ



**ଭବାନୀପାଟଣା,୧୫ା୧(ସମିସ):** କଳାହାଣ୍ଡି ଉତ୍ସବ ଉପଲକ୍ଷେ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ ଏକ ମନୋଜ୍ଞ ପରିବେଶରେ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କବି, ଲେଖକ ଓ ଗବେଷକ ଡ. ମହେନ୍ଦ୍ର ମିଶ୍ର କଳାହାଣ୍ଡିର ଲୋକ ସାହିତ୍ୟ ଓ ଲୋକକଳାର ସମାହାର ବୋଲି ଏହି ମହୋତ୍ସବକୁ ଭୂୟସୀ ପ୍ରଶଂସା କରିଥିଲେ। କବି ସମ୍ମିଳନୀ ଉପକମିଟିର ଅଧ୍ୟକ୍ଷ ଡ. ତପନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଉପକମିଟିର ନୋଡ଼ାଲ ଅଫିସର ଶ୍ରୀକାନ୍ତ ଦଳେଇ, ସହ ଅଧ୍ୟକ୍ଷ ସନ୍ତୋଷ ରଥ, ଆବାହକ ସତ୍ୟନାରାୟଣ ମୁଣ୍ଡଛିନା, ସଦସ୍ୟ କଳ୍ପନା ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ବିଶିଷ୍ଟ ଲେଖିକା ଯାଜ୍ଞସେନୀ ସାହାଙ୍କୁ ମାଟିପୁତ୍ର ସମ୍ମାନ ପ୍ରଦାନ କରାଯାଇଥିବାବେଳେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାରପ୍ରାପ୍ତ ଲେଖକ ଡିଲେଶ୍ୱର ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପକମିଟିର ସଦସ୍ୟ ବିଶ୍ୱରଞ୍ଜନ ପଣ୍ଡା, ଜୟଦ୍ରଥ ସୁନା, ସୁଧୀର ଧଙ୍ଗଡ଼ାମାଝୀ, ଯାଦବେନ୍ଦ୍ର ସାହା, ସୁମତି ମୁଣ୍ଡ, ଲିପ୍ସାମୟୀ ଦୁବେ ପ୍ରମୁଖ କବିତା ସଂଯୋଜନା ସହ ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ କବି, କବୟିତ୍ରୀ ଯୋଗ ଦେଇଥିଲେ।

## ଉତ୍ସବ ପଡିଆରେ ଖାଦ୍ୟ ଖାଦ୍ୟ ଷ୍ଟଲ୍ ଯାଞ୍ଚ

**ଭବାନୀପାଟଣା, ୧୫ା୧(ସମିସ):** ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଅନୁଷ୍ଠିତ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ର ପ୍ରଥମ ଦିନ ବିଭିନ୍ନ ଖାଦ୍ୟ ଷ୍ଟଲରେ ଖାଦ୍ୟ ନିରାପତ୍ତା ବିଭାଗ ତରଫରୁ ଯାଞ୍ଚ କରାଯାଇଥିଲା। ଧର୍ବଗଡ଼ ଖାଦ୍ୟ ନିରାପତ୍ତା ଅଧିକାରୀ ସନ୍ତୋଷ ମହାପାତ୍ର, ଭବାନୀପାଟଣା ଅଧିକାରୀ ଭରତ ଭୂଷଣ ସ୍ୱାଇଁ ଏବଂ ଅନ୍ୟାନ୍ୟ ଖାଦ୍ୟ ନିରାପତ୍ତା କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବ୍ୟବସାୟୀଙ୍କୁ ଖାଦ୍ୟ ନିରାପତ୍ତା ବିଷୟରେ ଅବଗତ କରାଯାଇଥିଲା। ଖାଦ୍ୟକୁ ସ୍ୱଚ୍ଛତା ଅନୁଯାୟୀ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଖାଦ୍ୟ ପ୍ରସ୍ତୁତିରେ ରାସାୟନିକ ରଙ୍ଗର ବ୍ୟବହାର ନ କରିବା, ଖାଦ୍ୟ ପରିବେଷଣରେ ଖବରକାଗଜର ବ୍ୟବହାର ନ କରିବା, ଛଣା ଛଣିରେ ଖାଇବା ତେଲର ବାରମ୍ବାର ବ୍ୟବହାର ନ କରିବା ଆଦି ନିୟମ ଉଲ୍ଲଙ୍ଘନ କରିଲେ ଜରିମାନା ଦଣ୍ଡାଦେବା ଦେବାକୁ ପଡ଼ିବ ବୋଲି ତାଗିଦ କରାଯାଇଛି।

## 'କଳାଝରଣ' ଓ 'ନିଶାନ୍' ପତ୍ରିକା ଉନ୍ମୋଚିତ

**ଭବାନୀପାଟଣା, ୧୫ା୧(ସମିସ):** କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ଉଦଘାଟନୀ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା କଳାହାଣ୍ଡି ଉତ୍ସବର ସ୍ମରଣିକା 'କଳାଝରଣ' ଉନ୍ମୋଚିତ ହୋଇଯାଇଛି। ସ୍ମରଣିକା ଉପକମିଟିର ଉମାଶଙ୍କର କର, ଦେବହୂତି କର, ହେମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଳାହାଣ୍ଡି ଉତ୍ସବ କବି ସମ୍ମିଳନୀର ମୁଖପତ୍ର 'ନିଶାନ' ମଧ୍ୟ ନିଆରା ଢଙ୍ଗରେ ଉନ୍ମୋଚିତ ହୋଇଥିଲା। କବି ସମ୍ମିଳନୀ ଉପସମିତିର ଅଧ୍ୟକ୍ଷ ଡ. ତପନ ରଥ, ଆବାହକ ସତ୍ୟନାରାୟଣ ମୁଣ୍ଡଛିନା, ସହଅଧ୍ୟକ୍ଷ ସନ୍ତୋଷ ରଥ, ନୋଡାଲ ଅଧିକାରୀ ଶ୍ରୀକାନ୍ତ ଦଳେଇ, ସଦସ୍ୟ କଳ୍ପନା ରଥ, ସୁମତି ମୁଣ୍ଡ, ସୁଧୀର ଧଙ୍ଗଡ଼ାମାଝୀ, ଲିପ୍ସାମୟୀ ଦୁବେ, ଡିଲେଶ୍ୱର ରଣା ପ୍ରମୁଖ ଉପସ୍ଥିତ ଥିଲେ।

## 'ପାରବା' ମଞ୍ଚରେ ଶିଶୁ ଘୁମୁରା ପ୍ରତିଯୋଗିତା



**ଭବାନୀପାଟଣା, ୧୫ା୧(ସମିସ):** କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ର ଦ୍ୱିତୀୟ ଦିବସରେ ଆଜି ପାରବା ମଞ୍ଚରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶିଶୁ କଳାକାରମାନଙ୍କୁ ନେଇ ଶିଶୁ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଉତ୍ସବ ଘୁମୁରା ଉପସମିତିର ଅଧ୍ୟକ୍ଷ ଗୌରାଙ୍ଗ ରାଉତ, ସକିତ ରତେ, ଦିଲୀପ ଠାକୁର, ସୋମନାଥ ରାଜୁ, ବିଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ଚୈତନ୍ୟ ରାଉତ, ଭାରତଭୂଷଣ ଚଲାନ, ପ୍ରଦୀପ ଧଙ୍ଗଡ଼ାମାଝୀ ବିଚାରକ ଥିଲେ। ଦୁଆରସୁନି ଦାମୋଦରପୁର ମାଁ ଆଦ୍ୟାଶକ୍ତି ଘୁମୁରା ଦଳ, ନର୍ଲା ଜବାହର ନବୋଦୟ ବିଦ୍ୟାଳୟ, ମଶାଣିବନ୍ଧ ସରସ୍ୱତୀ ଶିଶୁ ମନ୍ଦିର ଘୁମୁରା ଦଳ, ମ. ରାମପୁର ଶ୍ରୀରାମକୃଷ୍ଣ ଆଶ୍ରମ, ଗୌନ୍ତିଆପଡ଼ା ମାଣିକେଶ୍ୱରୀ ଘୁମୁରା ଦଳ, ବାଲଗୋପାଳ ସେବା ନିକେତନ, ଭବାନୀପାଟଣା ମ୍ୟୁନିସିପାଲ ହାଇସ୍କୁଲ ଘୁମୁରା ଦଳ ଭାଗ ନେଇଥିଲେ। ନର୍ଲା ଜବାହର ନବୋଦୟ ସ୍କୁଲ ପ୍ରଥମ, ମ. ରାମପୁର ରାମକୃଷ୍ଣ ଆଶ୍ରମ ଦ୍ୱିତୀୟ, ମ୍ୟୁନିସିପାଲ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ।




## ଦେବୀପ୍ରସାଦ ଚାନ୍ଦଙ୍କ ପରଲୋକ



**ନର୍ଲା, ୧୫ା୧(ସମିସ):** ବରିଷ୍ଠ ନାଗରିକ ଦେବୀପ୍ରସାଦ ଚାନ୍ଦ (୮୧)ଙ୍କ ସୋମବାର ପବିତ୍ର ମକର ସଂକ୍ରାନ୍ତି ଦିନ ସମୟରେ ନର୍ଲାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ନର୍ଲାର ଗୌନ୍ତିଆ ସ୍ୱର୍ଗତ ପୁରୁଷୋତ୍ତମ ଚାନ୍ଦଙ୍କ କନିଷ୍ଠ ପୁତ୍ର ତଥା ନର୍ଲା ପଞ୍ଚାୟତର ପୂର୍ବତନ ସରପଞ୍ଚ ଯୁଧିଷ୍ଠିର ଚାନ୍ଦ ଓ କଳାହାଣ୍ଡିର ବରିଷ୍ଠ ନେତା ସ୍ୱର୍ଗତ ଅର୍ଜୁନ ଚାନ୍ଦଙ୍କ ସାନଭାଇ ଦେବୀପ୍ରସାଦଙ୍କ ବିୟୋଗରେ ଅଞ୍ଚଳରେ ଶୋକ ଖେଳିଯାଇଛି। ସୋମବାର ସକାଳୁ ପ୍ରାୟ ୯ଟା ସମୟରେ ଏକମାତ୍ର ପୁତ୍ର ମନମୋହନ (କିଶୋର)ଙ୍କ ସହ ଝିଅଙ୍କ ଉପସ୍ଥିତିରେ ତାଙ୍କର ଦେହାନ୍ତ ହୋଇଥିଲା। ଆଜି ନର୍ଲାରେ ଶତାଧିକ ଲୋକଙ୍କ ପାଇଁ ଶୋକର କାରଣ ପାଲଟିଛି। କଳାହାଣ୍ଡି ଜିଲ୍ଲା ନର୍ଲା ଅଞ୍ଚଳରେ ବିଜେପିର ଏକ ପ୍ରମୁଖ ନେତା ଭାବରେ ସେ ଜଣାଶୁଣା ଥିଲେ। ଏକମାତ୍ର ପୁତ୍ର ମନମୋହନ ମୁଖାଗ୍ନି ଦେଇଥିଲେ।

## ଆମପାଣି ଘାଟିରେ ଓଲଟିଲା ଟ୍ରକ୍; ୨ ଗୁରୁତର



**କୋକସରା, ୧୫ା୧(ସମିସ):** ୨୬ ନମ୍ବର ଜାତୀୟ ରାଜପଥର ନବରଙ୍ଗପୁର-କଳାହାଣ୍ଡି ଜିଲ୍ଲା ସୀମାନ୍ତ ଆମପାଣି ଘାଟିରେ ରବିବାର ରାତିରେ ଭାରସାମ୍ୟ ହରାଇ ଏକ କାଠ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଡ୍ରାଇଭର ଓ ହେଲପର ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗୁରୁତରଦ୍ୱୟ ହେଲେ ଧର୍ମଗଡ଼ ସନ୍ଦିକୁଲିହାରି ଗ୍ରାମର ତୁଷାର ବାଗ (୧୮) ଓ କର୍ଣ୍ଣ କୁମାର କଟା (୨୨)। ନବରଙ୍ଗପୁର ଜିଲ୍ଲାରୁ କାଠ ବୋଝେଇ କରି ରବିବାର ରାତିରେ ଏକ ଟ୍ରକ୍ ରାୟପୁର ଅଭିମୁଖେ ବାହାରିଥିଲା। ହେଲେ ଆମପାଣି ଘାଟି ରାସ୍ତାର ବୁଲାଣିରେ ବ୍ରେକ୍ ଫେଲ ହେବାଯୋଗୁଁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ଗାଡ଼ି ଚୁରମାର ହୋଇଯାଇଛି। ଆମପାଣି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଉଦ୍ଧାର କାର୍ଯ୍ୟ କରିଥିବା ବେଳେ ଗୁରୁତର ଆହତଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## କର୍ଲାପଡ଼ା ଉଚ୍ଚ ମାଧ୍ୟମିକ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ

**ଭବାନୀପାଟଣା, ୧୫ା୧(ସମିସ):** ଭବାନୀପାଟଣା ବ୍ଲକ୍ କର୍ଲାପଡା ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଙ୍କୁ ତାଲିମ ଦେବା ନିମନ୍ତେ ଏକ ଆତ୍ମରକ୍ଷା ଶିବିର ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଆରମ୍ଭ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିନୋଦ ବିହାରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କର୍ଲାପଡା ସରପଞ୍ଚ ସୁଷମା ସେନାପତି ଯୋଗ ଦେଇଥିଲେ। ଅର୍ଥଶାସ୍ତ୍ର ବିଭାଗର ପ୍ରଧ୍ୟାପକ ବିନୋଦ ବିହାରୀ ବେହେରା ପରିଚାଳନା କରିଥିଲେ। ଏହି ଶିବିରରେ ପ୍ରଥମ ବର୍ଷର ୭୨ ଜଣ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଦୁଇଜଣ ତାଲିମପ୍ରାପ୍ତ ଦକ୍ଷ ପ୍ରଶିକ୍ଷିକା ରିକିନା ରାଉତ ଏବଂ ଶ୍ରଦ୍ଧାଞ୍ଜଳି ମାଝୀ ତାଲିମ ଦେଉଛନ୍ତି। ଭୂଗୋଳ ବିଭାଗର ପରୀକ୍ଷାଗାର ସହକାରୀ ରଶ୍ମିରେଖା ଦେଇ ପରିଚାଳନା କରୁଛନ୍ତି। ବିଦ୍ୟାଳୟର କ୍ରୀଡା ଶିକ୍ଷକ ବିଭୂତି ଭୂଷଣ ଯୋଷୀ ଧନ୍ୟବାଦ ଦେଇଥିଲେ।




## ଜଗନ୍ନାଥ ମନ୍ଦିରରେ 'ନିର୍ମଳ ଝର' ଉଦ୍‌ଘାଟିତ

**କୋକସରା, ୧୫ା୧(ସମିସ):** ମକର ସଂକ୍ରାନ୍ତି ଅବସରରେ କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଜଗନ୍ନାଥ ମନ୍ଦିର ପରିସରରେ ସୋମବାର ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଥଣ୍ଡା ପାନୀୟଜଳ ଯନ୍ତ୍ର (ନିର୍ମଳ ଝର) ଉଦଘାଟିତ ହୋଇଛି। ସଂଗଠନର ରାଜ୍ୟ ଉପସଭାପତି ପ୍ରତାପଚନ୍ଦ୍ର ମହାନ୍ତି, ଜିଲ୍ଲା ସଭାପତି ବେଣୁଧର କୁମାର, ବରିଷ୍ଠ ନାଗରିକ ଲାଲସାଏ ନାଗ, ଜଗନ୍ନାଥ ମନ୍ଦିର ପୂଜକ ଚନ୍ଦ୍ରଶେଖର ଦାସ, ହରିଶ୍ଚନ୍ଦ୍ର ନାଏକ, ସତ୍ୟସାଇ ସଂଗଠନ ଜୟପାଟଣା ସମିତିର ଆବାହକ ମନ୍ମଥ ପାଢ଼ୀ, ମାଝୀଗୁଡା ଆବାହକ ତାପସ ରଞ୍ଜନ ବାଗ, କାର୍ତ୍ତିକ ପାତ୍ର, କେଶବଚନ୍ଦ୍ର ନାଏକ, ଅଭିରାମ ପୁଞ୍ଜି, ଧର୍ମରାଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜଗନ୍ନାଥ ମନ୍ଦିର ପରିସରରେ ସତ୍ୟସାଇ ବାବାଙ୍କ ପୂଜାର୍ଚ୍ଚନା ସହ ଭଜନ ସଂକୀର୍ତ୍ତନ କରାଯାଇଥିଲା। ଗୋବର୍ଦ୍ଧନ ନାଏକ, ମନ୍ମଥ ଦାସ, ବିଶ୍ୱମ୍ବର ଦୁର୍ଗା, ନବ ନାଏକ, ବଳଭଦ୍ର ବେମାଲ, ଟଙ୍କଧର ନାଏକ, ସିଦ୍ଧେଶ୍ୱର ଧ.ମାଝୀ, ହରିହର ହଂସ, ଫକୀର ଧ.ମାଝୀ, ସନ୍ତୋଷ ଦାସ, ହେମରାଜ ବେମାଲ ପ୍ରମୁଖ ସହ ମହିଳାମାନେ ଉପସ୍ଥିତ ଥିଲେ।

## ଯୁବକଙ୍କ ମୃତଦେହ ଉଦ୍ଧାର

**କେସିଙ୍ଗା, ୧୫ା୧(ସମିସ):** କେସିଙ୍ଗା ରେଳ ଷ୍ଟେସନରୁ ଟିଟଲାଗଡ ଯିବା ବେଳେ ତେଲ ନଦୀ ବ୍ରିଜ ପାଖରେ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। କେସିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଏହା ରେଳବାଇ ପୁଲିସର କାମ। ଦିନ ୧୧.୩୦ ମିନିଟ ପର୍ଯ୍ୟନ୍ତ ରେଳବାଇ ପୁଲିସର ଦେଖା ନ ଥିଲା। ଯୁବକର ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ ହେବ। କେସିଙ୍ଗା ପୁଲିସ ପକ୍ଷରୁ ଶବର ଫଟୋ ସୋସିଆଲ ମିଡିଆରେ ଛାଡ଼ି ଚିହ୍ନିବା ପାଇଁ ଅନୁରୋଧ କରାଯାଇଛି।



# ବଣିକ ସଂଘ ସଭାପତିଙ୍କ ସନ୍ଦେହଜନକ ମୃତ୍ୟୁ

**ବଲାଙ୍ଗିର, ୧୫।୧(ସମିସ)**

ବଲାଙ୍ଗିର ଜିଲ୍ଲା ବଣିକ ସଂଘ ସଭାପତି ତଥା ସହରର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ତ୍ରିପୁରାରୀ ପାଣିଗ୍ରାହୀଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର ହୋଇଛି। ସୋମବାର ସକାଳୁ ପ୍ରାୟ ସାଢେ ୬ଟାରେ ସଦର ଥାନା ଅନ୍ତର୍ଗତ ଖୁଜେନପାଲି ରେଳ ଲାଇନରୁ ତାଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ମୃତ ଶ୍ରୀ ପାଣିଗ୍ରାହୀ ସହରର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଥିବା ବେଳେ ତାଙ୍କ ମୃତଦେହ ଏହିଭଳି ଭାବେ ଉଦ୍ଧାର ସମସ୍ତଙ୍କୁ ଚକିତ କରିଛି। ତେବେ ସେ ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ କରାଯାଉଥିବା ବେଳେ ଆତ୍ମହତ୍ୟା ପଛର କାରଣକୁ ନେଇ ଚର୍ଚ୍ଚା ଜୋର ଧରିଛି। ସେହିଭଳି ତାଙ୍କୁ ହତ୍ୟା କରାଯାଇଥିବା ନେଇ ମଧ୍ୟ ଆଲୋଚନା ହେଉଛି। ତେବେ ଆତ୍ମହତ୍ୟା ନା ହତ୍ୟା ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ରେଳବାଇ ପୁଲିସ ଏହି ମାମଲାର ଛାନଭିନ ଆରମ୍ଭ କରିଛି।

ବଲାଙ୍ଗିର ସହରର ଜଣେ ଜଣାଶୁଣା ତଥା ପ୍ରତିଷ୍ଠିତ ବ୍ୟବସାୟୀମାନଙ୍କ ମଧ୍ୟରେ ତ୍ରିପୁରାରୀ ଅନ୍ୟତମ। ସୁନା ଗହଣା ଦୋକାନ, ହୋଟେଲ, ରିଅଲ୍‌ଇଷ୍ଟେଟ ବ୍ୟବସାୟରେ ଶ୍ରୀ ପାଣିଗ୍ରାହୀ ଜଣେ ପରିଚିତ ଚେହେରା ଥିବା ବେଳେ ରାଜନୀତିରେ ମଧ୍ୟ ତାଙ୍କର ପ୍ରଭାବ ରହିଥିଲା। ସୂଚନା ଅନୁସାରେ ଖୁଜେନପାଲି ଦେଇ ଯାଇଥିବା ରେଳଲାଇନ କଡରେ ତାଙ୍କର ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ରେଳବାଇ ପୁଲିସକୁ ସୂଚନା ଦେବା ପରେ ପୁଲିସ ପହଞ୍ଚି ପରିବାର ଲୋକଙ୍କୁ ଖବର ଦେଇଥିଲା। ତାଙ୍କ ମୁଣ୍ଡ ଓ ଗୋଡରେ ଆଘାତ ଲାଗିଥିବା ବେଳେ ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ ସନ୍ଦେହ କରୁଛି। ତେବେ ଶ୍ରୀ ପାଣିଗ୍ରାହୀ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ସେ ନେଇ ସସପେନ୍ସ ଜାରି ରହିଛି। ମୃତ ଶ୍ରୀ ପାଣିଗ୍ରାହୀଙ୍କ ମୋବାଇଲ ଫୋନ ପୁଲିସ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କିଛି ସମ୍ପର୍କୀୟଙ୍କ କହିବା ଅନୁସାରେ ଶ୍ରୀ ପାଣିଗ୍ରାହୀ ପାରିବାରିକ ସମସ୍ୟା ଯୋଗୁ ମାନସିକ ଚାପରେ ଥିଲେ। ଏପରିକି ରବିବାର ରାତିରେ ସେ ଘରେ ଗଣ୍ଡଗୋଳ କରି କୁଆଡେ ଚାଲିଯାଇଥିଲେ। ତାଙ୍କ ପୁଅ ମଧ୍ୟ ଶ୍ରୀ ପାଣିଗ୍ରାହୀଙ୍କ ବନ୍ଧୁମାନଙ୍କୁ ଫୋନ କରି ବାପାଙ୍କୁ ଖୋଜିବାକୁ କହିଥିଲେ। ସେ ନିଜେ ମଧ୍ୟ ରାତିସାରା ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ। ଆଉ କିଛି ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ଶ୍ରୀ ପାଣିଗ୍ରାହୀ ସହରର ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ସବୁଦିନ ଭଳି ବନ୍ଧୁମାନଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଲୋକ ଉତ୍ସବରେ ତାଙ୍କୁ କୁଆଡେ ଅର୍ଥ କମିଟିରେ ରଖିବାକୁ ସୋମବାର ବୈଠକ ଡକାଯାଇଥିଲା। ସମସ୍ତଙ୍କ ସହ ଆଲୋଚନା କରିବା ପରେ ସେ ଘରକୁ ଯାଇଥିଲେ। ଘରକୁ ଯିବା ପରେ ଏମିତି କଣ ହୋଇଥିଲା ଯେ ସେ ଘରୁ ରାତିଅଧରେ ବାହାରି ଆସିଥିଲେ। ଘରୁ ବାହାରି ସେ କେଉଁଆଡ଼େ ଗଲେ ଅବା ତାଙ୍କ ଗନ୍ତବ୍ୟସ୍ଥଳକୁ ନେଇ ପୁଅ ପାଖରେ ସୂଚନା ରହିଥିଲା କି ଯଦ୍ୱାରା ବାପାଙ୍କୁ ଖୋଜିବାକୁ ସେ ରାତି ଅଧରେ ଭୁବନେଶ୍ୱର ଯାଉଥିଲେ। ଖୋର୍ଦ୍ଧା ପାଖରେ ବାପାଙ୍କ କଥା ପୁଅ ସୂଚନା ପାଇ ସେଠାରୁ ସିଧା ବଲାଙ୍ଗିର ଫେରି ଆସିଥିଲେ। ସୂଚନା ଅନୁସାରେ ପୁଅର ବିବାହ ବିଚ୍ଛେଦକୁ ନେଇ ତ୍ରିପୁରାରୀ କିଛି ମାସ ହେଲା ଚାପରେ ଥିଲେ। କିଛି ଦିନ ପୂର୍ବରୁ ହିଁ ପୁଅର ବିବାହ ବିଚ୍ଛେଦ ହୋଇଥିଲା। ଏହାପରେ ଏମିତି କଣ ଘଟିଲା ଯେ ଆତ୍ମହତ୍ୟା ଭଳି ଏକ ଚରମ ନିଷ୍ପତ୍ତି ବାଛି ନେଇଥିଲେ। ସନ୍ଦେହଜନକ ଅବସ୍ଥାରେ ରେଳଧାରଣା ପାର୍ଶ୍ୱରୁ ତାଙ୍କ ଶବ ଉଦ୍ଧାର ଘଟଣାରେ ଅନ୍ୟ କିଛି କାରଣ ଅଛି କି ନାହିଁ ସେନେଇ ରେଳବାଇ ପୁଲିସ ତା'ର ତଦନ୍ତ ଆରମ୍ଭ କରି ଦେଇଛି।

**ରେଳଧାରଣା ପାର୍ଶ୍ୱରୁ ଶବ ଉଦ୍ଧାର**



## ରାଜ୍ୟସ୍ତରୀୟ କୃଷିମେଳାରେ ସମ୍ବର୍ଦ୍ଧିତ

# ଉଦାହରଣ ପାଲଟିଲେ ସଫଳ ଛତୁଚାଷୀ ଅନିତା

**ବଲାଙ୍ଗିର, ୧୫।୧(ସମିସ):** ରାଜ୍ୟ କୃଷିମେଳାରେ ସମ୍ମାନିତ ହୋଇଛନ୍ତି ବଲାଙ୍ଗିର ଜିଲ୍ଲାର ସଫଳ ମହିଳା ଚାଷୀ ଅନିତା ସାହୁ। ଗତ କିଛି ବର୍ଷ ହେଲା ସେ ଏନଜିଓ ଚାକିରୀ ଛାଡି ନିଜ ସ୍ୱାମୀଙ୍କ ସହାୟତାରେ ଚାଷକାମ ଆରମ୍ଭ କରିଛନ୍ତି। ମିଶନଶକ୍ତି ଋଣ ଟଙ୍କାକୁ ଚାଷ କାମରେ ଲଗାଇ ଛତୁଚାଷ ଆରମ୍ଭ କରିଥିଲେ। ଗତ ପାଞ୍ଚ ବର୍ଷ ହେଲା ସେ ନିଜ ଫାର୍ମରେ ଛତୁଚାଷ କରି ଲାଭବାନ ହେବା ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଯେଉଁଥିପାଇଁ ତାଙ୍କୁ ରାଜ୍ୟସ୍ତରରେ ସମ୍ମାନ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଭରସୁଜା ଗାଁର ଅନିତା ପାଠପଢ଼ା ପରେ ଏକ ଏନଜିଓରେ କାମ କରୁଥିଲେ। ଏନଜିଓରେ କାମ କରିବା ସମୟରେ ଗାଁର ମହିଳାମାନଙ୍କ ସହ ମିଶିଥିଲେ। ସେମାନଙ୍କ ଦୁଃଖ, ସଂଘର୍ଷ ବିଷୟରେ ଅବଗତ ଥିଲେ। ଫଳରେ ଗାଁର ମହିଳାମାନଙ୍କୁ ସଙ୍ଗଠିତ ଓ ସ୍ୱାବଲମ୍ବୀ କରିବା ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି) ଗଠନ କରି ନିଜେ ସଭାପତି ହୋଇଥିଲେ। ପ୍ରଥମ ଥର ପାଇଁ ତାଙ୍କ ଏସଏଚଜିକୁ ମାତ୍ର ୫୦ ହଜାର ଟଙ୍କାର ଋଣ ମିଳିଥିଲା। ଯାହାକି ମହିଳାମାନେ ନିଜ କାମରେ ଲଗାଇବା ପାଇଁ ଭାଗ କରିଥିଲେ। ଅନିତାଙ୍କ ଭାଗରେ ପଡ଼ିଥିଲା ମାତ୍ର ପାଞ୍ଚ ହଜାର ଟଙ୍କା। ଏହି ଟଙ୍କାକୁ ସେ ୨୦୧୯ ମସିହାରେ ଛତୁ ଚାଷରେ ଲଗାଇଥିଲେ। ୟୁଟ୍ୟୁବ୍‌ରୁ ଛତୁ ଚାଷ କୌଶଳ ଶିଖିବା ସହ ତାହା ନିଜ କାମରେ ଲଗାଇଥିଲେ। କମ ଜାଗାରେ ପ୍ରଥମେ ସେ ଛତୁ ଚାଷ କରିଥିଲେ। ଏଥିରେ ତାଙ୍କ ସ୍ୱାମୀ ସହଯୋଗ କରିଥିଲେ। ଛତୁ ଚାଷରୁ ଦୁଇ ପଇସା ରୋଜଗାର ହୋଇଥିଲା। ପରେ ତାଙ୍କ ସ୍ୱାମୀଙ୍କର ଥିବା ତିନି ଏକର ବିଶିଷ୍ଟ ଏକ ଜାଗାରେ ଛତୁ ଫାର୍ମ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ପୂର୍ବରୁ ଉକ୍ତ ସ୍ଥାନରେ ଏକ ଆମ୍ବ ବଗିଚା ରହିଥିବା ବେଳେ ସେହିଠାରେ ହିଁ ସେ ଛତୁଚାଷ ଆରମ୍ଭ କରିଥିଲେ। ବର୍ତ୍ତମାନ ସମୟରେ ତାଙ୍କର ଏହି ଛତୁଫାର୍ମରେ ୨୫୦୦ ଛତୁ ବେଡ ରହିଛି। ଯେଉଁଥିରେ ପ୍ରତିଦିନ ୧୦୦ରୁ ୧୫୦ କେଜି ଛତୁ ଫୁଟିଥାଏ। କେଜି ୨୦୦ ଟଙ୍କାରେ ଛତୁ ବିକ୍ରି ହେଉଥିବା ବେଳେ ପ୍ରତିଦିନ ଖର୍ଚ୍ଚ ପ୍ରାୟ ୭ ହଜାରରୁ ୮ ହଜାର ହୋଇଥାଏ। ଏହି ଛତୁ ଫାର୍ମରେ କାମ କରିବା ପାଇଁ ସେ ଘର ପାଖରେ ରହୁଥିବା ୧୦ ଜଣ ମହିଳାଙ୍କୁ ନିୟୋଜିତ କରିଛନ୍ତି। ଦୈନିକ ୨୦୦ ଟଙ୍କା ହିସାବରେ ତାଙ୍କୁ ମଜୁରୀ ଦେଉଥାନ୍ତି। ଏହିପରି ସେ ଛତୁଚାଷ କରି ସ୍ୱାବଲମ୍ବୀ ହୋଇପାରିଥିବା ବେଳେ ପରିବାରର ଆର୍ଥିକ ସ୍ଥିତି ସୁଦୃଢ଼ କରିବାରେ ମଧ୍ୟ ସଫଳ ହୋଇଛନ୍ତି। ତାଙ୍କର ଏହି ପ୍ରଶଂସନୀୟ ଉଦ୍ୟମ ଯୋଗୁ ତାଙ୍କୁ ରାଜ୍ୟ କୃଷି ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ କୃଷିମେଳାରେ ସଫଳ ମହିଳା ଉଦ୍ୟାନ ଚାଷୀ ଭାବେ ସମ୍ମାନିତ କରାଯାଇଛି।



# ଜଳସମ୍ପଦ ବିଭାଗ ଡାକବଙ୍ଗଳାର ଭିତ୍ତିପ୍ରସ୍ତର ସ୍ଥାପନ

**ଟିଟିଲାଗଡ଼, ୧୫।୧(ସମିସ):** ଟିଟିଲାଗଡ଼ ଡିଏଭି କଲେଜ ନିକଟସ୍ଥ ଜଳସମ୍ପଦ ବିଭାଗ ପରିସରରେ ବିଧାୟିକା ତଥା ବାଣିଜ୍ୟ, ପରିବହନ ଓ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏକ ନୂତନ ଡାକବଙ୍ଗଳାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହି ଡାକବଙ୍ଗଳା ନିର୍ମାଣରେ ୧କୋଟି ୬୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ୧ବର୍ଷ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଅଧିକ୍ଷଣ ଯନ୍ତ୍ରୀ ଗୋବର୍ଦ୍ଧନ ନାୟକ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ସଂଯୁକ୍ତା ନାୟକ, ଜିଲ୍ଲା ପରିଷଦ ସଭ୍ୟ ଗୀତ ବିଶି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାରତ ତାଣ୍ଡି, ପୂର୍ବତନ ସରପଞ୍ଚ ଲଳିତ ସାହୁ, ବିଜେଡିର ବରିଷ୍ଠ ନେତା କିଶୋର ସାହୁ, ରାଜେଶ ପ୍ରଧାନ ଓ କାଉନସିଲର ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ସ୍କୁଲରେ ଉନ୍ମତ୍ତକାଣ୍ଡ କରି ଯୁବକ ଗିରଫ

**ଟିଟିଲାଗଡ଼, ୧୫।୧(ସମିସ):** ଟିଟିଲାଗଡ଼ ଥାନା ଅନ୍ତର୍ଗତ ବାଙ୍କେଲ ଗାଁ ସ୍କୁଲରେ ଜଣେ ନିଶାସକ୍ତ ଯୁବକର ଛାତ୍ରମାନଙ୍କୁ ଆକ୍ରମଣ କରି ପୁଲିସ ଦ୍ୱାରା ଗିରଫ ହୋଇଛି। ଅପରାହ୍ନ ୧ ଟା ସମୟରେ ଗାଁର ସୁରେନ୍ଦ୍ର କୁମ୍ଭାର ସ୍କୁଲ ଭିତରକୁ ଆସି ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ମାଡ଼ ମାରି ଫେରାର ହେଇଯାଇଥିଲା। ଛଅ ଜଣ ଛାତ୍ରଙ୍କୁ ଟିଟିଲାଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ଜଣେ ଛାତ୍ରର ହାତ ଭାଙ୍ଗିଥିବା ବେଳେ ଅନ୍ୟ ଜଣେ ଛାତ୍ରର କାନରୁ ରକ୍ତସ୍ରାବ ହୋଇଥିଲା। ଏହି ଘଟଣା ନେଇ ଗାଁରେ ଅଭିଭାବକମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଯାଇଛି। ଟିଟିଲାଗଡ଼ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ସୁରେନ୍ଦ୍ରକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି।



# ଗାଁକୁ ଗାଁ ବୁଲୁଛି ଅର୍ପଣ ରଥ; ମିଳୁଛି ଗୁଆ ଓ ଅକ୍ଷତ

**ଖପ୍ରାଖୋଲ, ୧୫।୧(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ନାନ୍ଦୁପଲା ପଞ୍ଚାୟତର ବିଭିନ୍ନ ଗାଁରେ ଜୟଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରୁଛି। ଏହି ଅବସରରେ ଦୁଡୁମଦର୍ହା ଗାଁରେ ଜୟଜଗନ୍ନାଥ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ଏହି ସମାରୋହରେ ନାନ୍ଦୁପଲା ପଞ୍ଚାୟତର ସରପଞ୍ଚ ନିଳାଦ୍ରୀ ପୂଜାରୀ, ପିଇଓ କ୍ଷୀରଧର ବରିହା, ସିଆରପି ଡଲି ବିଶ୍ୱାଳ, ଉମେଶ ପୂଜାରୀ, ୱାର୍ଡ ସଭ୍ୟ ଭୁବନେ ଧରୁଆ, ରୋହିତ ଭୋଇ, ଗଜିନ୍ଦ୍ର ପଧାନ, ଗୋପାଳ ପାତ୍ର, କୁଶ ମାଝୀ ଉପସ୍ଥିତ ଥିଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, କୀର୍ତ୍ତନ ମଣ୍ଡଳୀ ବହୁସଂଖ୍ୟାରେ ଯୋଗ ଦେଇଥିଲେ। ଗ୍ରାମର ପ୍ରତ୍ୟେକ ଲୋକ ଗୋଟେ ମୁଠା ଅରୁଆ ଚାଉଳ ଆଉ ଗୁଆ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିଲେ। ଏହି ରଥ ପ୍ରାୟ ଦୁଇ ଦିନ ଧରି ପଞ୍ଚାୟତର ପ୍ରତି ଗାଁରେ ପରିକ୍ରମା କରିବ। ଆଉ ପ୍ରତ୍ୟେକ ଘରୁ ଅରୁଆଚାଉଳ ଓ ଗୁଆ ସଂଗ୍ରହ କରି ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପଠାଯିବାର କାର୍ଯ୍ୟକ୍ରମ ରହିଛି।



**କଣ୍ଟାବାଞ୍ଜି:** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ 'ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ' ଲୋକାର୍ପଣ ଉତ୍ସବ ଅବସରରେ ତୁରେକେଲା ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରିଛି। ଏହାଛଡ଼ା ଢୋଲମାନ୍ଦଳ ପଞ୍ଚାୟତରେ ଅର୍ପଣ ରଥକୁ ପୂଜାର୍ଚ୍ଚନା କରି ପଞ୍ଚାୟତର ସମସ୍ତ ଗ୍ରାମକୁ ପହଞ୍ଚିଛି। ଶ୍ରଦ୍ଧାଳୁମାନେ ଅରୁଆ ଚାଉଳ ଓ ଗୁଆ ଅର୍ପଣ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଏହି ଉତ୍ସବରେ ଢୋଲମାନ୍ଦଳ ସମିତି ସଭ୍ୟା ଗୋଲାପୀ ମାଝୀ ଏବଂ ବରିଷ୍ଠ ବିଜେଡି ନେତା ଶ୍ରୀଧର ମାଝୀ ସାମିଲ ଥିଲେ।



# କଣ୍ଟାବାଞ୍ଜିକୁ ପୌରପାଳିକା ଓ ଉପଖଣ୍ଡ ଡାକ୍ତରଖାନା ମାନ୍ୟତା ଦାବି

**କଣ୍ଟାବାଞ୍ଜି, ୧୫।୧(ସମିସ):** କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଏକାଧିକ ସଂଗଠନର ପକ୍ଷରୁ ୫-ଟି ଅଧକ୍ଷଙ୍କୁ ଦାବିପତ୍ର ଦିଆଯାଇଛି। ଦାବି ଗୁଡିକ ମଧ୍ୟରେ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡ ଡାକ୍ତରଖାନା ମାନ୍ୟତା, ଏମସିଏଚ୍‌କୁ ସଠିକ ଭାବେ କାର୍ଯ୍ୟକ୍ଷମ, ସମସ୍ତ ଖାଲିଥିବା ପଦବୀ ପୂରଣ ଓ କଣ୍ଟାବାଞ୍ଜି ରେଲୱେର ଖାଲି ପଡ଼ିଥିବା ୪୫୦ ଏକର ଜମରେ ରାଜ୍ୟ ସରକାରଙ୍କ ତରଫରୁ ଯେ କୌଣସି କାରଖାନା ବସାଇବାକୁ ଦାବି ରହିଛି। ସେହିପରି କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ଜଳ ସେଚନ ସୁବିଧା, କଣ୍ଟାବାଞ୍ଜି ଏନଏସିକୁ ମ୍ୟୁନିସିପାଲଟୀ କରିବା ପାଇଁ ମଧ୍ୟ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କଣ୍ଟାବାଞ୍ଜିରୁ ଜୟପୁର ଭାୟା ରାଜ-ଖରିଆର ନୂତନ ରେଳପଥ ପାଇଁ ରେଳବିଭାଗ ସର୍ଭେ କରିଛି କିନ୍ତୁ ଆଜି ପର୍ଯ୍ୟନ୍ତ କାମ ଆରମ୍ଭ ହୋଇ ନାହିଁ। ରାଜ୍ୟ ସରକାର ୫୦:୫୦ ମୋଡ୍‌ରେ ବା ରେଲୱେକୁ ମାଗଣା ଜମି ଯୋଗାଇ ପ୍ରକଳ୍ପ ଆରମ୍ଭ ହେଲେ ଅବହେଳିତ କେବିକେ ଅଞ୍ଚଳର ବହୁ କ୍ଷେତ୍ର ରେଳପଥରେ ଯୋଡ଼ି ହେବ। ଏ ଅଞ୍ଚଳରେ ବହୁଳ ଭାବେ କପା ଚାଷ ହେଉଥିବାରୁ କଣ୍ଟାବାଞ୍ଜି ବା ବଲାଙ୍ଗୀର ଜିଲ୍ଲାରେ ଏକ କପା ବା କପଡ଼ା କାରଖାନା ସ୍ଥାପନ କରିବା, କଣ୍ଟାବାଞ୍ଜି ରେଲୱେ ଜମିରେ ରେଳଡବା ନିର୍ମାଣ କାରଖାନା ପାଇଁ ରାଜ୍ୟ ସରକାରଙ୍କ ତରଫରୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟ ଖୋଲିବା, ପ୍ରମୁଖ ଐତିହାସିକ ପୀଠ ରାଣୀପୁର ଝରିଆଲର ଉନ୍ନତି ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ୧୦୦ କୋଟି ଟଙ୍କା ମଞ୍ଜୁର କରିବା, ଟାଟା ପାୱାର ଗ୍ରାହକମାନଙ୍କ ଅଧିକାର ଅଭିଯୋଗ ପାଇଁ ସେମାନଙ୍କ ସହିତ ଉତ୍ତମ ବ୍ୟବହାର ପାଇଁ ନିର୍ଦ୍ଦେଶ, କଣ୍ଟାବାଞ୍ଜିରେ ଉପଜିଲ୍ଲାପାଳଙ୍କ କ୍ୟାମ୍ପ କୋର୍ଟ ସ୍ଥାପନ ସହିତ ରେଳବାଇ ଜମିରେ ଘର କରିଥିବା ଲୋକଙ୍କୁ ତୁରନ୍ତ ଖାଲି କରିବାକୁ ରେଳବାଇ ପକ୍ଷରୁ ନୋଟିସ୍ ହୋଇଛି। ବିସ୍ଥାପିତ ଲୋକଙ୍କୁ ରାଜ୍ୟ ସରକାର ଥଇଥାନ କରିବା ଦାବି ରହିଛି। ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ୫ ଲକ୍ଷ ଟଙ୍କା ପରିବର୍ତ୍ତେ ୧୦ ଲକ୍ଷ ଟଙ୍କା ଦେବା, କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ଓ ଅଧିକାରୀ ନିଯୁକ୍ତି ପାଇଁ ରେଳ ଯାତ୍ରୀ ସଂଘ, ନାଗରିକ କମିଟି, ରାଇଟ ଟୁ ଫାଇଟ, କଞ୍ଜୁମର ଫୋରମ୍ ଓ ପ୍ରେସ କ୍ଲବ୍ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

**ବିଭିନ୍ନ ସଂଗଠନ ପକ୍ଷରୁ '୫-ଟି' ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ**

# ଆଦି ଦେବତା ଶୁଲିଆ ଯାତ୍ରା ଆଜି

**ବଲାଙ୍ଗିର, ୧୫।୧(ସମିସ)**

ଆଦିବାସୀବହୁଳ ବଲାଙ୍ଗିର ଜିଲ୍ଲାର ସାମାଜିକ ଜୀବନ, ଚାଲିଚଳଣୀ, ଖାଦ୍ୟପେୟ, କୃଷି, ପର୍ବପର୍ବାଣୀ ସହିତ ପ୍ରକୃତି ଜଡିତ। ପ୍ରକୃତିର ପୂଜା କରିବା ପରମ୍ପରା କାହିଁ କେତେ ପୀଢିରୁ ପାଳନ ହୋଇ ଆସୁଛି। ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅର୍ନ୍ତଗତ ଖଇରଗୁଡାରେ ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ଶୁଲିଆ ଯାତ୍ରା ଆସନ୍ତାକାଲି ଅନୁଷ୍ଠିତ ହେବ। ଆଦିବାସୀଙ୍କର ଆଦି ଦେବତା ଶୁଲିଆ ବୁଢା ବୋଲି ବିଶ୍ୱାସ ରହିଥିବା ବେଳେ ଜିଲ୍ଲା ତଥା ରାଜ୍ୟ ବାହାରୁ ଏହି ଯାତ୍ରା ଦେଖିବାକୁ ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଆଶଙ୍କା ରହିଛି। ପ୍ରତି ବର୍ଷ ପୌଷମାସ ଶୁକ୍ଳପକ୍ଷ ପ୍ରଥମ ମଙ୍ଗଳବାର ଶୁଲିଆ ଯାତ୍ରା ଅନୁଷ୍ଠିତ ହୁଏ। ପୂର୍ବରୁ କେବଳ ଦିନକ ପାଇଁ ଶୁଲିଆ ଯାତ୍ରା ହେଉଥିବାବେଳେ ଗତ କିଛିବର୍ଷ ହେଲା ଶୁଲିଆ ମହୋତ୍ସବର ଆୟୋଜନ କରାଯାଉଛି। ତିନିଦିନ ଧରି ମହୋତ୍ସବ ଚାଲୁଛି। ଆଦିବାସୀ ପ୍ରଥା ପରମ୍ପରା ନୀତିକାନ୍ତି ଅନୁସାରେ ଏହି ପୂଜା ସମାପନ ହୁଏ। ମଙ୍ଗଳବାର ବଡିଭୋରରୁ ପ୍ରଥମେ ନିଶି ପୂଜା କରାଯାଏ। ମୁଖ୍ୟପୂଜକ ସୋମନାଥ ଦେହୁରିଆଙ୍କ ହାତରୁ ପୂଜା ପାଆନ୍ତି ଶୁଲିଆ ବୁଢା। ବରୁଆ ଦେହରେ ଦେବତାଙ୍କୁ ଆଗମନ କରି ତାଙ୍କୁ ପୂଜା କରାଯାଏ। ପରେ ଆଦିବାସୀ ସମ୍ପ୍ରଦାୟଙ୍କ ଦ୍ୱାରା ଶୁଲିଆଙ୍କ ଉଦ୍ଦେଶ୍ୟରେ ଅଣାଯାଇଥିବା ପାଟବୁକାକୁ ବଳି ଦେଇ ତାର ରକ୍ତକୁ ସର୍ମପଣ କରାଯାଇଥାଏ। ଦୁଇଟି ଖଳାରେ ଶୁଲିଆ ପୂଜା କରାଯାଏ। ବଳି ପରେ ଦେବତା ଭକ୍ତଙ୍କୁ ଦର୍ଶନ ଦେଇ ତାଙ୍କୁ ଆଶ୍ରିବଚନ ପ୍ରଦାନ କରିବା ସହିତ ସମସ୍ତଙ୍କ ମନସ୍କାମନା ପୂର୍ଣ୍ଣ କରନ୍ତି ବୋଲି ବିଶ୍ୱାସ ରହିଛି। ଶୁଲିଆ ବୁଢାଙ୍କୁ ଦର୍ଶନ କଲେ ସମସ୍ତ ମାନସିକ ପୂରଣ ହେଉଥିବା ବିଶ୍ୱାସ ରହିଛି। ତେଣୁ ପ୍ରତିବର୍ଷ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ଖଇରଗୁଡାକୁ ଆସି ଦେବତାଙ୍କୁ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରନ୍ତି। ଯେଉଁମାନଙ୍କର ମନସ୍କାମନା ପୂର୍ଣ୍ଣ ହୁଏ ସେମାନେ ନଡିଆ, କୁକୁଡା, ଛେଳି, ପୋଢ ଆଦି ପ୍ରଦାନ କରନ୍ତି। ତେଣୁକରି ଏହିଯାତ୍ରାରେ ପ୍ରତିବର୍ଷ ଶହଶହ ସଂଖ୍ୟାରେ ପଶୁପକ୍ଷୀଙ୍କ ବଳିପଡେ। ପ୍ରତିବର୍ଷ ଶୁଲିଆ ଯାତ୍ରାରେ ପଶୁପକ୍ଷୀଙ୍କ ବଳି ଉପରେ କଟକଣା ଲଗାଇବାକୁ ଜିଲ୍ଲା ପ୍ରଶାସନ ତଥା ପୁଲିସ ପ୍ରଶାସନ ଚେଷ୍ଟା କରି ବିଫଳ ହୋଇଛି। ଏହି ଯାତ୍ରା ଦେଖିବାକୁ ବଲାଙ୍ଗିର ସମେତ ବରଗଡ଼, ସମ୍ବଲପୁର, କଳାହାଣ୍ଡି, କୋରାପୁଟ, ନୂଆପଡ଼ା, କନ୍ଧମାଳରୁ ଭକ୍ତଙ୍କ ସମାଗମ ହୁଏ। ସେହିଭଳି ଛତିଶଗଡ଼, ମଧ୍ୟପ୍ରଦେଶରୁ ଲୋକେ ଦିନକ ପୂର୍ବରୁ ଆସି ଯାତ୍ରା ଦେଖିବାକୁ ଅପେକ୍ଷା କରିଥାନ୍ତି। ଶୁଲିଆଙ୍କ ଦର୍ଶନ କଲାପରେ ବଣଭୋଜି କରି ଖାଇପିଇ ଘରକୁ ପ୍ରତ୍ୟାବର୍ତ୍ତନ କରନ୍ତି।








### ପତ୍ର ପିନ୍ଧି ପୂଜାର୍ଚ୍ଚନା

ଯାତ୍ରାର ମୁଖ୍ୟ ପୂଜକ ସୋମନାଥ ଦେହୁରିଆଙ୍କ ହାତରୁ ପୂଜା ପାଆନ୍ତି ସୁଲିଆ ବୁଢା। ଏହି ସମୟରେ ପତ୍ର ପିନ୍ଧି ପୂଜା କରିବାର ସ୍ୱତନ୍ତ୍ର ନୀତି ରହିଛି। ସୋମନାଥ ଦେହୁରୀ ପୂଜା କରିବା ପୂର୍ବରୁ ବସ୍ତ୍ର ତ୍ୟାଗ କରି ଗଛର ପତ୍ର ପରିଧାନ କରନ୍ତି। ସ୍ୱତନ୍ତ୍ର ଭାବରେ ଶିଆଳି ଗଛର ପତ୍ରକୁ ପରିଧାନ କରି ପୂଜା କରିବାର ନିୟମ ରହିଛି। ଯେହେତୁ ଆଦିବାସୀମାନେ ପ୍ରକୃତି ଉପାସକ। ତେଣୁ ପରମ୍ପରା ଅନୁସାରେ ପୂଜକ ପତ୍ର ପିନ୍ଧି ହିଁ ପୂଜାର୍ଚ୍ଚନା କରିଥାନ୍ତି।

### ଶୁଲିଆ ବୁଢାଙ୍କ କାହାଣୀ

ଖଇରଗୁଡାକୁ ଯିବା ପୂର୍ବରୁ ପଡେ ଶୁଲିଆ ଘାଟି। ଶୁଲିଆ ପୂଜାସ୍ଥଳ ବା ଖଳାକୁ ଯିବା ପୂର୍ବରୁ ସେଠାରେ ଘାଟିରେ ଥିବା ଶୁଲିଆ ମନ୍ଦିରରେ ମଧ୍ୟ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥାନ୍ତି। ତେବେ ସେଠାରେ ପୂଜା କରୁଥିବା ସେବକ ହାଡି ମନହୀରା ଓ ରାମଚନ୍ଦ୍ର ଚନ୍ଦନଙ୍କ କହିବା ଅନୁସାରେ ଶୁଲିଆଙ୍କୁ ପୂଜା କରୁଥିବା ସାତ କନ୍ଧଭାଇ ଭିତରେ ଜଣେ ପୁରୁଣାପାଣି ଗ୍ରାମରେ ରହୁଥିଲେ। ସେ ଶୁଲିଆ ବୁଢାଙ୍କୁ ସେବା କରିବାକୁ ଅକ୍ଷମତା ପ୍ରକାଶ କରି ଖଇରଗୁଡାରେ ଥିବା ମୁଖ୍ୟ ପୂଜାସ୍ଥଳରେ ସ୍ଥାପନା କରିବାକୁ ଚାହିଁଲେ। କିନ୍ତୁ ଦେବତା ଦୁଇ ସ୍ଥାନରେ ପୂଜା ପାଇବାକୁ ଇଚ୍ଛା ପ୍ରକାଶ କରି ସେହି ଘାଟି ତଳେ ସ୍ଥାପିତ ହୋଇ ରହିଲେ। ସେହି ଯାତ୍ରାଦେଇ ଶୁଲିଆ ଘାଟିର ଉପରେ ତାଙ୍କ ଉଦ୍ଦେଶ୍ୟରେ, ନଡିଆ, ସିନ୍ଦୁର ପ୍ରତିଦିନ ଅର୍ପଣ କରିଥାନ୍ତି। ସମୟକ୍ରମେ ସେଠାରେ ମନ୍ଦିର ତୋଳା ଯାଇଛି।

### ପୀଠର ଉନ୍ନତି ପାଇଁ ସରକାରଙ୍କ ଉଦ୍ୟମ

ପ୍ରସିଦ୍ଧ ଶୁଲିଆ ପୀଠର ଉନ୍ନତି ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ସହାୟତା ଅନୁଦାନ କ୍ରମେ ଖଇରଗୁଡାରେ ଥିବା ଶୁଲିଆ ଗମ୍ଭୀରାର ପୁନଃଉଦ୍ଧାର କାର୍ଯ୍ୟ ପାଇଁ ପଦକ୍ଷେପ ନିଆଯାଇଛି। ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଗତ ସେପ୍ଟେମ୍ବର ମାସରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିଭଳି ଆମ ଓଡିଶା ନବୀନ ଓଡିଶା ଯୋଜନାରେ କୁମୁରିଆ ଗ୍ରାମରେ ଥିବା ସାନଖଳାର ପୁନଃରୁଦ୍ଧାର ତଥା ନବୀକରଣ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ସୂଚନା ରହିଛି।

### ମହୋତ୍ସବରେ ଦୁଲୁକୁଛି ଶୁଲିଆ ପୀଠ

ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଶୁଲିଆ ପୀଠ ମହା ଆଡମ୍ବରରେ ଚାଲିଛି। ରାବଣ ଦରବାର ସାଙ୍ଗକୁ ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ ଓ ମୀନାବଜାର ବସିଛି। ସନ୍ଧ୍ୟାହେଲେ ଶୁଲିଆ ପୀଠରେ ଆଖପାଖ ଅଞ୍ଚଳରୁ ଲୋକଙ୍କ ଭିଡ ଜମୁଛି। ରଙ୍ଗିଲା ମହାରାଜ ଅନୀଲ ନାୟକଙ୍କ ରାବଣ ଚରିତ୍ର, ସାଂସ୍କୃତିକ କାର୍ଯ୍ୟକ୍ରମରେ ମତୁଆଲା ହେଉଛନ୍ତି ଦର୍ଶକ। ଏହି ତିନିଦିନରେ ସ୍ଥାନୀୟ ଲୋକେ ମଧ୍ୟ କିଛି ବେପାର କରି ବେଶ ଦୁଇ ପଇସା ରୋଜଗାର କରୁଛନ୍ତି।

### ଶ୍ରଦ୍ଧାଳୁଙ୍କ ପାଇଁ ସୁବିଧା

ମଙ୍ଗଳବାର ମୁଖ୍ୟ ଯାତ୍ରା ଥିବାରୁ ଶୁଲିଆ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଜନସମାଗମ ହେବ। ତେଣୁକରି ଆଇନଶୃଙ୍ଖଳା ଦୃଷ୍ଟିରୁ ଶୁଲିଆ ପୀଠକୁ ପୁଲିସ ଜଗିବେ। ସେହିଭଳି ଯାତ୍ରୀଙ୍କ ପାଇଁ ପାର୍କିଂ ବ୍ୟବସ୍ଥା, ଅସ୍ଥାୟୀ ପ୍ରାଥମିକ ଚିକିତ୍ସା ଶିବିର, ଅଗ୍ନିଶମ ସେବା ବ୍ୟବସ୍ଥା କରାଯାଇଛି। ପୂଜା କମିଟି ତରଫରୁ ଧାଡିରେ ଦେବତାଙ୍କୁ ଦର୍ଶନ କରିବାର ବ୍ୟବସ୍ଥା କରାଯାଇଥିବା ସଭାପତି ମୟ ପ୍ରଧାନୀ ସୂଚନା ଦେଇଛନ୍ତି।

### ଆଦିବାସୀଙ୍କର ସ୍ୱତନ୍ତ୍ର କେଲୋ ପୂଜା

ଆଦିବାସୀ ସମ୍ପ୍ରଦାୟର ଜଣେ ମୁଖ୍ୟ ସଦସ୍ୟ ବା ବଡ଼ ଭାଇଙ୍କୁ ସ୍ୱତନ୍ତ୍ର ପରମ୍ପରାକୁ କେଲୋ ପୂଜା ପଦ୍ଧତିରେ ଦାୟିତ୍ୱ ପ୍ରଦାନ କରାଯାଇଥାଏ। ପୀଢି ପରେ ପୀଢି ଏହା ହୁଏ। ଏହି କ୍ରମରେ ନିରଞ୍ଜନ କୁଅଁରଙ୍କୁ ବଡଭାଇ ଦାୟିତ୍ୱ ଅର୍ପଣ କରାଯାଇଛି। ସାମାଜିକ ରୀତିନୀତି, ପ୍ରଥା ପରମ୍ପରା ଅନୁସାରେ ତାଙ୍କୁ କେଲୋ ଦିଆଯାଇଥିଲା। ଶୁଲିଆ ପୂଜାର କିଛିଦିନ ପୂର୍ବରୁ ଏହି ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା।

### ବାଘକୁ ଗୋରସ ପିଆ ନୀତି

ଆଦିବାସୀ ସମ୍ପ୍ରଦାୟରେ ବାଘକୁ ଶୁଲିଆ ବୁଢାଙ୍କ ପ୍ରତୀକ ଭାବରେ ବିବେଚନା କରାଯାଏ। ତେଣୁକରି ଏକ ଗୁପ୍ତ ନୀତିକାନ୍ତି ଅନୁସାରେ ଶୁଲିଆ ପୂଜା ପଦ୍ଧତିରେ ବାଘକୁ ଗୋରସ ପିଆ ପୂଜା ପଦ୍ଧତି ରହିଛି। ପୂଜାରୀ ପାହାଡ ଜଙ୍ଗଲ ଭିତରେ ଶୁଲିଆ ବୁଢାଙ୍କ ଉଦ୍ଦେଶ୍ୟରେ ଗୋରସ ଦେଇଥାଏ। ସେ ବାଘ ରୂପେ ଆସି ଗୋରସ ପିଇଥାନ୍ତି ବୋଲି ସେମାନଙ୍କର ବିଶ୍ୱାସ ରହିଛି। ଏହାର ପ୍ରତିବଦଳରେ ଶୁଲିଆ ବୁଢା ବର୍ଷ ସାରା ସେମାନଙ୍କର ଫସଲକୁ ବନ୍ୟଜନ୍ତୁଙ୍କ ଠାରୁ ରକ୍ଷା କରନ୍ତି ବୋଲି କୁହାଯାଏ।



## ଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବର କଳସ ଯାତ୍ରା

**ବିନିକା, ୧୫।୧(ସମିସ) :** ଜୟ ମାଁ ଦୁର୍ଗା ଦେବୀ କି ଜୟ ଧ୍ୱନିରେ ସାରା ବିନିକା ସହର କମ୍ପି ଉଠିଥିଲା। ଆଜିଠାରୁ ଆରମ୍ଭ ହୋଇଛି ଦେବୀ ଦୁର୍ଗାଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ। ବିନିକା ପୁରୁଣା ବସଷ୍ଟାଣ୍ଡ ଦୁର୍ଗାପୂଜା କମିଟି, ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁଙ୍କ ସହଯୋଗରେ ନିର୍ମାଣ ହୋଇଛି ଦୁର୍ଗାଙ୍କ ଭବ୍ୟ ମନ୍ଦିର। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଚଳିତ



ମାସ ୨୫ ପର୍ଯ୍ୟନ୍ତ ଚାଲିବ। ଦୀର୍ଘ ୫୨ ବର୍ଷ ଧରି ମାଁ ଶକ୍ତିରୂପା ଅସ୍ଥାୟୀ ମଣ୍ଡପରେ ପୂଜା ପାଉଥିଲେ। ଏଣିକି ସ୍ଥାୟୀ ମଣ୍ଡପରେ ପୂଜା ପାଇବେ ଜଗତଜନନୀ ମାଁ ଦୁର୍ଗା। ଆଜି ପ୍ରତିଷ୍ଠା ଉତ୍ସବର ପ୍ରାରମ୍ଭରେ ମାଁଙ୍କ ମନ୍ଦିର ପ୍ରାଙ୍ଗଣରେ ଅଞ୍ଚଳର ହଜାର ହଜାର ମହିଳାଙ୍କ ସମାବେଶ ହୋଇଥିଲା ପରେ ଏକ ଶୋଭାଯାତ୍ରାରେ ପୂଜା କର୍ତାଙ୍କ ସହ ପୁରୁଷ ଓ ମହିଳା ଭକ୍ତ ସହର ପରିକ୍ରମା କରି ଚିରସ୍ରୋତା ମହାନଦୀକୁ ଯାଇ ପୁଣ୍ୟ ଜଳ ସଂଗ୍ରହ କରିଥିଲେ। ଶୋଭାଯାତ୍ରାରେ ଘଣ୍ଟ,ଶଙ୍ଖ, ହୁଳହୁଳି ସହ ଭକ୍ତଙ୍କ ଜୟ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ଯେଉଁଆଡେ ଦେଖିବ ଶ୍ରଦ୍ଧାଳୁ ଭକ୍ତଙ୍କ ଭକ୍ତିମୟ ସମାବେଶ ସହରକୁ ଉତ୍ସବ ମୁଖରିତ କରିଥିଲା। କଳସ ଧରି ଶୋଭାଯାତ୍ରା କାରି ମନ୍ଦିରକୁ ପହଞ୍ଚିବା ପରେ ରୀତିନୀତି ଅନୁଯାୟୀ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା।

## ଶ୍ରୀରାମଲୀଳା ଯାତ୍ରା ପ୍ରସ୍ତୁତି ବୈଠକ

**ବୌଦ୍ଧ, ୧୫।୧(ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ମକର ସଂକ୍ରାନ୍ତି ଦିନ ଶ୍ରୀ ରଘୁନାଥ ମନ୍ଦିର ପରିସରରେ ଆସନ୍ତା ଶ୍ରୀରାମ ନବମୀ ଏବଂ ରାମଲୀଳା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଏପ୍ରିଲ ୧୭ ତାରିଖରୁ ୧୮ ଦିନ ବ୍ୟାପୀ ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ତରଫରୁ ରାମଲୀଳା ଯାତ୍ରା ଅନୁଷ୍ଠିତ ହେବ। ରାମଲୀଳା ନାଟ୍ୟ ସଂସଦ କାର୍ଯ୍ୟକାରୀ ସଭାପତି ଜୟନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ



ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ନାଟ୍ୟ ସଂସଦ ସମ୍ପାଦକ ମନୋଜ ସାହୁ, ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାସ, ସଂସଦ ପ୍ରତିନିଧି ତାରିଣୀ ମହାପାତ୍ର, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଶ୍ରୀ ସାହୁ ସମ୍ପାଦକୀୟ ବିବରଣୀ ପଠନ କରିଥିବା ବେଳେ ପ୍ରମୋଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୌଦ୍ଧ ଗଡଜାତର ପ୍ରସିଦ୍ଧ ଗଣପର୍ବ ଶ୍ରୀରାମ ନବମୀ ଯାତ୍ରାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଉପସ୍ଥିତ ପ୍ରତିଭାଗୀ ମନେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସେହିପରି ଅତିରିକ୍ତ ଜିଲ୍ଲାପାଳ ଏହି ଉତ୍ସବ ପାଇଁ ସମସ୍ତ ପ୍ରକାର ସରକାରୀ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଉତ୍ସବର ଶୋଭା ବର୍ଦ୍ଧନ କରୁଥିବା ବାମଣ୍ଡା, ସରସରା, ବିରିଗଡ଼, ପୋଲାମ, ଗୋବିନ୍ଦପୁର, ତେଲିବନ୍ଧ, କାଶଲପୁର, ଢୁଡୁରବାହାଲ, କେଳାକାଟା, ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ତରଫରୁ ରାବଣ ଭୂମିକାରେ ଅଭିନୟ କରୁଥିବା କଳାକାର ଏବଂ ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ତରଫରୁ ରାମ ଭୂମିକାରେ ଅଭିନୟ କରୁଥିବା ଶିରୀଶ ବେହେରା ଓ ଲକ୍ଷ୍ମଣ ଭୂମିକାରେ ଅଭିନୟ କରୁଥିବା ଜନାର୍ଦ୍ଦନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଧୁଙ୍ଗିଆମୁଣ୍ଡାରେ ସମାଜସେବା ଦିବସ ପାଳିତ

**ଚାରିଛକ, ୧୫।୧(ସମିସ):** ନେହେରୁ ଯୁବକେନ୍ଦ୍ର ବୌଦ୍ଧ ଓ ମୟୂରୀ ଯୁବକ ସଙ୍ଘ ଗୁଣ୍ଡୁରୀସାହି ମିଳିତ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ସପ୍ତାହ ବା ଜାତୀୟ ଯୁବ ସପ୍ତାହ ପାଳନ ଅବସରରେ ଚତୁର୍ଥ ଦିନରେ ହରଭଙ୍ଗା ବ୍ଲକ ଛତ୍ରଙ୍ଗ ପଞ୍ଚାୟତ ଅନ୍ତର୍ଗତ ଧୁଙ୍ଗିଆମୁଣ୍ଡା ଗ୍ରାମରେ ସମାଜସେବା ଦିବସ ପାଳିତ ହୋଇଛି। ଏହାସହ ମାଗଣା ସ୍ୱାସ୍ଥ୍ୟ ଶିବିର ଉଦଯାପିତ ହୋଇଯାଇଛି। ମୟୂରୀ ଯୁବକ ସଙ୍ଘର ଉପସଭାପତି ଜ୍ୟୋସ୍ନାମୟୀ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଛତ୍ରଙ୍ଗ ପଞ୍ଚାୟତ ଏଏନଏମ ସ୍ୱାସ୍ଥ୍ୟକର୍ମୀ ମମତା ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅଙ୍ଗନୱାଡି କର୍ମୀ ସେବତୀ କହଁର, ଆଶାକର୍ମୀ ଝିଲ୍ଲୀରାଣୀ ବେହେରା ଯୋଗ ଦେଇଥିଲେ। ଡ. ଶ୍ରଦ୍ଧା ସୁମନ ପଟ୍ଟନାୟକ, ଏଏନଏମ ଜ୍ୟୋସ୍ନା କହଁର, ଫାର୍ମାସିଷ୍ଟ ହରପ୍ରିୟା ସାହୁ ସହଯୋଗ କରିଥିଲେ। ୬୦ ଜଣଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ଯୁବକ ସଙ୍ଘ ସଭାପତି କମଳ ଜଗଦଳା ସ୍ୱାଗତ ଭାଷଣ ଏବଂ ଜାତୀୟ ଯୁବ ସ୍ୱେଚ୍ଛାସେବୀ ତଥା ଯୁବକ ସଙ୍ଘର ସମ୍ପାଦକ ସୁଧୀର ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ

**ଶଗଡା,୧୫।୧(ସମିସ):** କଣ୍ଟାମାଳ ବ୍ଲକ୍ ଅନ୍ତର୍ଗତ ମନମୁଣ୍ଡା ଗ୍ରାମର ତଥା ବୌଦ୍ଧ ଜିଲ୍ଲା ୱେବ୍ ମିଡିଆ ସଂଘର ସଭାପତି ଅକୁର ବେହେରାଙ୍କ ମାଁ କର୍ପୁରୀ ବେହେରାଙ୍କ ସୋମବାର ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ୬୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ବୁର୍ଲାରୁ ତାଙ୍କ ମରଶରୀର ମନମୁଣ୍ଡାସ୍ଥିତ ତାଙ୍କ ବାସଭବନରେ ପହଞ୍ଚିବା ପରେ ତେଲ ନଦୀ ସ୍ଥିତ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ୍ୟୁ ବେଳକୁ ବଡ଼ପୁଅ ଅକୁର ବେହେରା, ମଝିଆପୁଅ ଶଙ୍କର ବେହେରା, ସାନପୁଅ ବିପ୍ର ବେହେରା ଏବଂ ପୁତ୍ରବଧୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳି ଯାଇଛି।



ଖରିଫ ଧାନକ୍ରୟ ସମୀକ୍ଷା ବୈଠକ

# ୨୦ ସୁଦ୍ଧା ଧାର୍ଯ୍ୟଲକ୍ଷ୍ୟ ସମ୍ପୂର୍ଣ୍ଣ ନିର୍ଦ୍ଦେଶ

**ସୋନପୁର, ୧୫।୧ (ସମିସ)**

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ୨୩-୨୪ ବର୍ଷ ପାଇଁ ଖରିଫ ଧାନକ୍ରୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ଅଧ୍ୟକ୍ଷତା କରି ଯେପରି ଧାନ କିଣା ବିକାରେ ସମସ୍ୟା ନ ହୁଏ ସେଥିପାଇଁ ବିଭାଗୀୟ ଅଧିକାରୀ, କର୍ମଚାରୀ ପ୍ରମୁଖ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀଙ୍କ ସୂଚନା ଅନୁସାରେ, ଜିଲ୍ଲାରେ ୧୪ ତାରିଖ ସୁଦ୍ଧା ମୋଟ ୫୩୩୯୪ ଜଣ ଚାଷୀ ପ୍ରାୟ ୨୯ ଲକ୍ଷ କୁଇଣ୍ଟାଲ ଧାନ ବିକ୍ରୟ କରିଛନ୍ତି। ସମସ୍ତ ସୋସାଇଟି ଓ ମିଲର୍ସ



ମାନଙ୍କୁ ଆବଣ୍ଟନ କରାଯାଇଥିବା ମୋଟ ୩୨ ଲକ୍ଷ କୁଇଣ୍ଟାଲ ଧାର୍ଯ୍ୟ ଲକ୍ଷ ମଧ୍ୟରୁ ପ୍ରାୟ ୨ ଲକ୍ଷ କୁଇଣ୍ଟାଲ ଧାନ ବିଭିନ୍ନ ମଣ୍ଡିରେ କ୍ରୟ ଓ ତତପରେ ଉଠାଣ ଅପେକ୍ଷାରେ ଗଚ୍ଛିତ ଥିବାର ରିପୋର୍ଟ ହସ୍ତଗତ ହୋଇଥିବା ସୂଚନା ଦେଇଥିଲେ। ପ୍ରାୟ ୧ ଲକ୍ଷ କୁଇଣ୍ଟାଲ ଧାର୍ଯ୍ୟ ଲକ୍ଷ (ଟାର୍ଗେଟ) ମିଲର୍ସ ମାନଙ୍କ ନିକଟରେ ବଳକା ଅଛି। ଟାର୍ଗେଟ ସମ୍ବନ୍ଧରେ ଜିଲ୍ଲାରେ କୌଣସି ସମସ୍ୟା ନାହିଁ। ମୋଟ ୩ ଲକ୍ଷ କୁଇଣ୍ଟାଲ ଟାର୍ଗେଟକୁ ସମସ୍ତ ମିଲର୍ସମାନେ ଆଗାମୀ ୨୦ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ଉଠାଣ କରିବାକୁ ଜିଲ୍ଲାପାଳ କଡା ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାର ମିଲରମାନେ ଧାନ ଉଠାଣରେ ବିଫଳ ହେଲେ ଅନ୍ୟ ଜିଲ୍ଲାର ମିଲରଙ୍କୁ ଏହି କାର୍ଯ୍ୟରେ ନିୟୋଜନ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

ସମସ୍ତ ବିଭାଗୀୟ ଅଧିକାରୀ, ଧାନ କ୍ରୟ ଓ ଧାନ ଉଠାଣ କାର୍ଯ୍ୟକୁ ନିୟମିତ ଭାବେ ତଦାରଖ କରିବା ଓ ତଦନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାପାଇଁ ପରାମର୍ଶ ଦେଇଥିଲେ। ସୋନପୁର ଓ ବୀରମହାରାଜପୁର ଉପଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ସମସ୍ତ ସହକାରୀ ଯୋଗାଣ ଅଧିକାରୀ, ସମସ୍ତ ଯୋଗାଣ ନିରୀକ୍ଷକ, ଡୁଙ୍ଗୁରିପାଲି, ବୀରମହାରାଜପୁର ନିୟନ୍ତ୍ରିତ ବଜାର କମିଟି ସଂପାଦକ ଓ ସମସ୍ତ ରାଇସ ମିଲ୍ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ।

## ପୁରନ୍ଦର ବାରିକଙ୍କ ସ୍ମୃତିରେ ୧୯ରୁ ନାଟ୍ ମହୋତ୍ସବ

**ସୋନପୁର, ୧୫।୧ (ସମିସ):** ପୁରନ୍ଦର ବାରିକ ସ୍ମୃତି କମିଟି ପକ୍ଷରୁ ରୟାଲ ପଡିଆରେ ଆସନ୍ତା ୧୯ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ୩ ଦିନିଆ ନାଟ୍ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ହୋଟେଲ ପ୍ରୋଗ୍ରେସ୍ ଇନ୍ ସମ୍ମିଳନୀ କକ୍ଷରେ ପୁରନ୍ଦର ସ୍ମୃତି କମିଟିର ଅଧ୍ୟକ୍ଷ ଅରବିନ୍ଦ ବାରିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ଏହାର ଲୋଗୋ ଉନ୍ମୋଚନ ସହ ସବିଶେଷ ବିବରଣୀ ପ୍ରଦାନ କରାଯାଇଛି। ପଶ୍ଚିମ ଓଡ଼ିଶାର ସ୍ୱନାମଧନ୍ୟ ନିର୍ଦ୍ଦେଶକଙ୍କ ବଛାବଛା ସର୍ବମୋଟ ୯ଟି ନାଟକ ପ୍ରଦର୍ଶନ ହେବ। ୧୯ ତାରିଖର ଉଦଘାଟନୀ ଦିନ ପ୍ରଥମ ନାଟକ ଭବାନୀପାଟଣାର କାରୁଣ୍ଡ କଳାମଞ୍ଚ ଦ୍ୱାରା ନାଟ୍ୟକାର ଓ ନିର୍ଦ୍ଦେଶକ



ପ୍ରଦୀପ ଡି ମାଝୀଙ୍କ ନାଟକ 'ଝର୍କା' ଓ ବରଗଡ ପଦମପୁର 'ଲୁକ୍' ର ନାଟ୍ୟକାର ଜଗନ୍ନାଥ ସେଠ୍(ଏନ୍‌ଏସଡିଆନ୍) ଙ୍କ ନାଟ୍ 'ରଙ୍ଗଭୂମି' ,୨୦ତାରିଖରେ

**୩ ଦିନରେ ୯ଟି ନାଟକ**

ଝାରସୁଗୁଡା ବେଲପାହାଡ଼ ମିରର୍ ଥିଏଟର ନାଟ୍ୟ ଅନୁଷ୍ଠାନର ନାଟ୍ୟକାର ଓ ନିର୍ଦ୍ଦେଶକ ସୁବାଷ ପ୍ରଧାନଙ୍କ "ପାଚେନ୍" ଓ ସୁବର୍ଣ୍ଣପୁର ବଡକର୍ଲେର ବୀଣାପାଣି ସାହିତ୍ୟ କଳା ସଂସଦର ନାଟ୍ୟକାର ଓ ନିର୍ଦ୍ଦେଶକ ସୁମନ୍ତ ଭୋଇଙ୍କ 'ଟୁକୁ' ଅନୁଷ୍ଠିତ ହେବ। ସେହିପରି ୨୧ ତାରିଖରେ ନୂଆପଡା ବୋଡେନର ଜ୍ଞାନୋଦୟ ନାଟ୍ୟ ଅନୁଷ୍ଠାନ ତରଫରୁ ନାଟ୍ୟକାର କେଶ ରଞ୍ଜନ ପ୍ରଧାନ ଓ ନିର୍ଦ୍ଦେଶକ ରବି ଶଙ୍କର ପ୍ରଧାନଙ୍କ ନାଟକ 'ମଧୁବିଦ୍ୟା', ସମ୍ବଲପୁରର ଶ୍ରୀ କଲଚରାଲ ଆସୋସିଏସନ୍ ନାଟ୍ୟ ଅନୁଷ୍ଠାନର ନାଟ୍ୟକାର ଓ ନିର୍ଦ୍ଦେଶକ ସତ୍ୟ ରଞ୍ଜନ ବେହେରାଙ୍କ ନାଟ୍ 'କେଡା' ଓ ବରଗଡ ପଦମପୁର ଅବର୍ଣାଗୁଣ୍ଡା ନାଟ୍ୟ ଅନୁଷ୍ଠାନ ତରଫରୁ ନାଟ୍ୟକାର ଅଶୋକ ବହିଦାର ଓ ନିର୍ଦ୍ଦେଶକ ବିଶ୍ରାମ ମେହେରଙ୍କ ନାଟକ 'ଟିକଟ୍' ପ୍ରଦର୍ଶିତ ହେବ ବୋଲି ସୂଚନା ଦିଆଯାଇଛି। ସମ୍ମିଳନୀରେ ସ୍ୱର୍ଗତ ପୁରନ୍ଦର ବାରିକଙ୍କ ପ୍ରତିଭାର ବିଭିନ୍ନ ଅନାଲୋଚିତ ଦିଗ ଉପରେ ସ୍ୱର୍ଗତ ବାରିକଙ୍କ ବଡ଼ପୁଅ ଆନନ୍ଦ ବାରିକ ଓ ମଝିଆ ପୁଅ ସାନନ୍ଦ ବାରିକ ବିଷଦ ଭେବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ମୃତି କମିଟିର ସଂପାଦକ ଦିଲ୍ଲୀପ ପାତ୍ର ପରିଚାଳନା କରିଥିବା ବେଳେ ଅଶୋକ ଜେନା, ନିଶାନ୍ତ ମହାନ୍ତି, ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ତିଳେଶ୍ୱର କପ୍ ଫୁଟ୍‌ବଲ: ଫାଇନାଲରେ ଫୁଲବାଣୀ

**ହରଭଙ୍ଗା, ୧୫।୧(ସମିସ):** ଫକୀରଚରଣ ଖେଳ ପଡିଆରେ ଫ୍ରେଣ୍ଡ ଆସୋସେସନ ତିଳେଶ୍ୱର ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସେମିରେ ଜେଡି କ୍ଲବ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ବିପକ୍ଷ ବରଗଡ଼ ୟୁନାଇଟେଡ୍‌କୁ ଟାଇବ୍ରେକର୍‌ରେ ୪-୧ ଗୋଲରେ ହରାଇଛି।



ମଙ୍ଗଳବାର ଜେଡି କ୍ଲବ ଓ ସୋନପୁର ବିଏସ୍‌ଏଫ କ୍ଲବ୍ ସହ ଫାଇନାଲ ଖେଳାଯିବ। ମୁଖ୍ୟଅତିଥି ଭାବେ ଉପବାଚସ୍ପତି ସାଲୁଜା ପ୍ରଧାନ, ସମ୍ମାନିତ ଅତିଥି ଯୁବ ଶିଳ୍ପପତି ଅଶୋକ ଅଗ୍ରୱାଲ, ରାମଗଡ ସରପଞ୍ଚ ପ୍ରବାସିନୀ ଯୋଶୀ, ଲୁଣିବାହାଲ ସରପଞ୍ଚ ଚନ୍ଦ୍ରମା ପ୍ରଧାନ, ହରଭଙ୍ଗା ସରପଞ୍ଚ ଶକୁନ୍ତଳା ବେହେରା, ଜିଲ୍ଲା ପରିଷଦ କନ୍ଧମାଳ ରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ। ମୁଖ୍ୟ ରେଫରି ଭାବେ ଦିଲ୍ଲୀପ ରାଉତ ଖେଳ ପରିଚାଳନା ଏବଂ ସୁବ୍ରତ ପୁରୋହିତ, ସୁଜିତ ରାଜହଂସ, ମାନସ ବିଶ୍ୱାଳ ଏବଂ ରଞ୍ଜନ ଯୋଶୀ ସହଯୋଗୀ ରେଫରି ଥିଲେ। ପରିଚାଳନା କମିଟି ସଭାପତି ଝୁନୁ ବେହେରା, ସମ୍ପାଦକ ରମେଶ ସାମଲ, ସୁଶୀଲ ଦେହୁରୀ, ଦେବରାଜ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ସୁଜ୍ଞାନ କର୍ଣ୍ଣ, ଉପଦେଷ୍ଟା ଶ୍ୟାମସୁନ୍ଦର ମେହେର, ଶେଷଦେବ ପ୍ରଧାନ, ଉଦିତ ପ୍ରସାଦ ଦେହୁରୀ, ଦିଲ୍ଲୀପ ସାମଲ, କାଦମ୍ବିନୀ ଯୋଶୀ, କୋଷାଧ୍ୟକ୍ଷ ନିକୁଞ୍ଜ ବେହେରାଙ୍କ ସମେତ ଫ୍ରେଣ୍ଡ୍ସ ଆସୋସେସନର କର୍ମକର୍ତ୍ତା ସହଯୋଗ କରିଥିଲେ।

## ଗଞ୍ଜେଇ ଗଛ ନଷ୍ଟକଲା ଘଣ୍ଟାପଡ଼ା ପୁଲିସ

**ଶଗଡ଼ା, ୧୫।୧ (ସମିସ):** ଘଣ୍ଟାପଡ଼ା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଘଣ୍ଟାପଡ଼ା ଥାନା ଏସଆଇ ବିଶ୍ୱାମିତ୍ର ଲୋଇଙ୍କ ନେତୃତ୍ୱରେ ଏକ ଟିମ୍ ତେନ୍ତୁଳିମୁଣ୍ଡା ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଚଢ଼ଉ କରି ହଜାର ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରିଛି। ଉକ୍ତ ଜଙ୍ଗଲର ୭ଏକର ଜାଗାରେ ଚାଷ ହୋଇଥିବା ଖବର ପାଇ ଆଜି ପୁଲିସ ସେଠାରେ ପହଞ୍ଚି ୧୦ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ସଂପୂର୍ଣ୍ଣ ନଷ୍ଟ କରିଦେଇଛି। ନଷ୍ଟ ଗଞ୍ଜେଇ ଗଛର ଆନୁମାନିକ ବଜାର ମୂଲ୍ୟ ୭୦ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।

## ସ୍କୁଲ ନଳକୂପ ଅଚଳ

**ବିନିକା,୧୫।୧(ସମିସ):** ବିନିକା ବ୍ଲକ ଅନ୍ତର୍ଗତ ସିଲାଟି ସରକାରୀ ମଧ ଇଂରାଜୀ ବିଦ୍ୟାଳୟରେ ଥିବା ନଳକୂପଟି ଦୀର୍ଘ ଏକମାସ ହେଲା ଅଚଳ ହୋଇ ପଡ଼ିଥିବାରୁ ଶିକ୍ଷାଦାନ ପାଇଁ ଆସୁଥିବା ଛାତ୍ରଛାତ୍ରୀ ପାଣି ପାଇଁ ହଇରଣ ହରକତ ହେଉଥିବା ଦେଖିବାକୁ ମିଳୁଛି। ନଳକୂପ ସଜାଡ଼ିବା ନେଇ ଅନେକ ଥର ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରେ ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ହୋଇ ଆସୁଥିଲେ ମଧ ଏଥିପ୍ରତି କେହି ଦୃଷ୍ଟି ଦେଉ ନଥିବାରୁ ବିଶେଷ କରି ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ନଳକୂପ ମରାମତି କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।



# ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ମକର ମିଳନ କାର୍ଯ୍ୟକ୍ରମ










### କଲ୍‌ଚରାଲ ଏକାଡେମୀ

**ବୌଦ୍ଧ, ୧୫।୧(ସମିସ)**

ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ମକର ମିଳନ ଉତ୍ସବ ଟୁଟୁସିଙ୍ଗା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ତଥା ଶିଶୁ ସାହିତ୍ୟିକ, ସ୍ତମ୍ଭଲେଖକ ଧ୍ରୁବଚରଣ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବରିଷ୍ଠ ଅଧିବକ୍ତା ସାକ୍ଷୀଗୋପାଳ ପ୍ରଧାନ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବରିଷ୍ଠ ଲେଖକ ଦେବରାଜ ନାଏକ ମକର ସଂକ୍ରାନ୍ତି ଦିବସର ମହତ୍ୱ ଓ ସାହିତ୍ୟ ଉପରେ ଆଲୋଚନା କରିଥିବା ବେଳେ ମୁଖ୍ୟବକ୍ତା ବୌଦ୍ଧ ପଞ୍ଚଯାତ ମହାବିଦ୍ୟାଳୟର ବରିଷ୍ଠ ସଂସ୍କୃତ ଅଧ୍ୟାପକ ପ୍ରତାପ ରଥ ଫକୀର ମୋହନ ସାହିତ୍ୟ ଏବଂ ମକର ଉତ୍ସବର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ରାଜକୁମାର ପ୍ରଧାନ, ଟଙ୍କଧର ସାହୁ, ନିବାସ ନାୟକ, ଦେବେନ୍ଦ୍ର ମିଶ୍ର, କାର୍ତ୍ତିକେଶ୍ୱର ନାୟକ, ଚିତ୍ତରଞ୍ଜନ ବେହେରା, ସୁଜ୍ଞାନ ବାଘ, ରମେଶ ମେହେର, ଧ୍ରୁବଚରଣ ଘିବେଲା, ଦେବରାଜ ନାଏକ ପ୍ରମୁଖ ନିଜସ୍ୱରଚିତ କବିତା ପାଠ କରିଥିଲେ। କବି ନିବାସ ନାୟକ କବିତା ପାଠର ସଂଯୋଜନା କରିଥିଲେ। ରମେଶ ମେହେର ଅତିଥି ପରିଚୟ କରିଥିବା ବେଳେ ରାଜକୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଆସନ୍ତା ୨୧ ତାରିଖ ସ୍ଥାନୀୟ କର୍ମଚାରୀ ଭବନଠାରେ ଏକାଡେମୀର ବାର୍ଷିକ ଉତ୍ସବ ପାଳନ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ସାହିତ୍ୟପ୍ରେମୀ ବନ୍ଧୁ ଉପସ୍ଥିତ ରହିବାକୁ ଅନୁଷ୍ଠାନର ଉପସଭାପତି ଶ୍ରୀ ଘିବେଲା ସୂଚନା ଦେଇଥିଲେ।

### ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ

ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ପକ୍ଷରୁ ଭୈରବୀ ମନ୍ଦିର ପରିସରରେ ମକର ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଯାଇଛି। ସଭାପତି ଭାବେ ଜିଲ୍ଲା ସଙ୍ଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରା ସମସ୍ତେ ମିତ୍ରଭାବାପନ୍ନ ହୋଇ ରାଷ୍ଟ୍ର କାର୍ଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ନବୀନ ଶତପଥୀ ଯୋଗ ଦେଇଥିଲେ। ପଦ୍ମଚରଣ ମେହେର ମୁଖ୍ୟ ଶିକ୍ଷକ କାର୍ଯ୍ୟ ତୁଲାଇଥିବା ବେଳେ ନବୀନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରଘୁନାଥ ଷଡ଼ଙ୍ଗୀ ବ୍ୟକ୍ତିଗତ ଗୀତ ଗାନ କରିଥିଲେ। ନଗର କାର୍ଯ୍ୟକର୍ତା ପୂର୍ଣ୍ଣ ସହଯୋଗ କରିଥିଲେ। ସମସ୍ତେ ମକର ଚାଉଳ ସେବନ କରିଥିଲେ।

**ହରଭଙ୍ଗା:** ପବିତ୍ର ମକର ସଂକ୍ରାନ୍ତିକୁ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ ଥିବା ସମସ୍ତ ଶୈବପୀଠରେ ମକର ଚାଉଳ ପୂଜା ସହ ମକର ସଂକ୍ରାନ୍ତି ପାଳନ କରାଯାଇଥିବା ବେଳେ ସବୁ ଶୈବପୀଠରେ ଶୈବ ଭକ୍ତଙ୍କ ଗହଳି ରହିଥିଲା। ଅନ୍ୟପଟେ ବ୍ଲକର ସାକୁସିଙ୍ଗା କାଶୀ ବିଶ୍ୱନାଥ ଶୈବପୀଠ, ହରଭଙ୍ଗା ଆଦେଶ୍ୱର ଶୈବପୀଠ ଓ ସରସରା ଥିବା ଶୈବପୀଠ ଏବଂ ଡୁକୁଲୁଣ୍ଡା ଶୈବପୀଠରେ ନାମ ସଂକୀର୍ତନ, ପରାୟଣ, ଅନ୍ନ ଯଜ୍ଞ, ଘୃତଯଜ୍ଞ, କଳସ ଯାତ୍ରା କରି ମକର ସଂକ୍ରାନ୍ତି ମେଳା ହୋଇଥିବା ଦେଖିବାକୁ ମିଳିଛି।

**ଜହ୍ନାପଙ୍କ:** ଖୁଣ୍ଟବନ୍ଧ ପଞ୍ଚାୟତର ଚଣ୍ଡିଗଡ଼ ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ବ୍ୟାସ ଭାବେ ଗୋବର୍ଦ୍ଧନ ମିଶ୍ର ପାରାୟଣ ପାଠ କରିଥିବା ବେଳେ କର୍ତ୍ତା ଭାବେ ଲୋକନାଥ ସର୍ଦ୍ଦାରସିଂ ଓ ତାଙ୍କ ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା ସର୍ଦ୍ଦାରସିଂ ଦାୟିତ୍ୱ ତୁଲାଇଥିଲେ। ନାରାୟଣ ରଥ ପୂଜା କାର୍ଯ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଜଙ୍ଗଲ ପରିବେଶ, ପାନୀୟ ଜଳ ଯୋଗାଣ, ପଞ୍ଚାୟତରାଜ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ ଓ ସମ୍ମାନିତ ଅତିଥି ଭାବେ ଖୁଣ୍ଟବନ୍ଧ ପଞ୍ଚାୟତ ପୂର୍ବତନ ସରପଞ୍ଚ ଯୋଗେଶ୍ୱର ମହାକୁଳ ଓ ସୌମିତ୍ରୀ ମିଶ୍ର ଯୋଗ ଦେଇଥିଲେ। ଗ୍ରାମ୍ୟ କମିଟିର ସଭାପତି ଗୋବିନ୍ଦ ମହାକୁଳ ଓ ସମ୍ପାଦକ ଯୋଗେଶ୍ୱର ବେହେରାଙ୍କ ନେତୃତ୍ୱରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ତୁଳସୀ ମହିଳା ଦଣ୍ଡ ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ଚଣ୍ଡୀ ମନ୍ଦିର, ପଦ୍ମନପୁର, ଦାମୋଦରପୁର, କୃଷ୍ଣପାଲି, ଖଲିଆପାଲି ଶୈବ ପୀଠରେ ମକର ସଂକ୍ରାନ୍ତି ପାଳିତ ହୋଇଯାଇଛି।

**ଶଗଡା:** କଣ୍ଟାମାଳ ବ୍ଲକ ପଲଶାଗୋରା ଠାରେ ପ୍ରସିଦ୍ଧ ମକରମେଳା ସୋମବାର ସକାଳୁ ଆରମ୍ଭ ହୋଇଛି। କମିଟି ସଭାପତି ରବୀନ୍ଦ୍ର ପ୍ରଧାନଙ୍କ ତତ୍ୱାବଧାନରେ ସକାଳୁ ଶ୍ରୀ କପିଳେଶ୍ୱର ବାବାଙ୍କ ନିକଟରେ ମାଳି ସେବକ ନିରଞ୍ଜନ ଖମାରୀ, ସଚ୍ଚିଦାନନ୍ଦ ଖମାରୀ, ବ୍ରହ୍ମାନନ୍ଦ ଖମାରୀ, ଅଚ୍ୟୁତ ଖମାରୀ, ତରଣୀ, ଅଜିତ, ନାରାୟଣ ପ୍ରମୁଖ ରାଶି ମିଶ୍ରିତ ମକର ଚାଉଳ ଭୋଗ ଲଗାଇଥିଲେ। ପରେ ମନ୍ଦିରରୁ ମହାମନ୍ତ୍ର ନେଇ ସମ୍ମୁଖରେ ଥିବା କୁଞ୍ଜଗୁଡ଼ିରେ ୨୪ ପ୍ରହରୀ ନାମଯଜ୍ଞ ଆରମ୍ଭ ହେବା ସହ ଯାତ୍ରାର ଶୁଭାରମ୍ଭ ହୋଇଛି। ଉକ୍ତ ମେଳାଟି ପଶ୍ଚିମ ଓଡ଼ିଶାର ତିନୋଟି ଜିଲ୍ଲା ତଥା ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗିର ଜିଲ୍ଲାକୁ ବେଶ୍ ପ୍ରଭାବ ପକାଉଥିବା ଜଣାପଡ଼ିଛି। ଯାତ୍ରାରେ ମିନାବଜାର, ଦୋଳି, ଅପେରା ଓ ଦୋକାନବଜାରରେ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ମନମୁଣ୍ଡା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆସନ୍ତା ୧୮ ତାରିଖ ଗୁରୁବାର ଏହା ସମାପ୍ତ ହେବ।

**ମନମୁଣ୍ଡା:** କଣ୍ଟାମାଳ ବ୍ଲକ ଖଟଖଟିଆରେ ମକର ଯାତ୍ରା ଓ ମକର ମିଳନ ଆରମ୍ଭ ହୋଇଯାଇଛି। ଗ୍ରାମବାସୀଙ୍କ ଉଦ୍ୟମରେ ଦୀର୍ଘ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଯାତ୍ରା ମହାସମାରୋହରେ ଚାଲିଛି। ଚାରି ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରାର ମଜା ଲୋକମାନେ ନେଉଥିବା ବେଳେ ବିଭିନ୍ନ ଘରକରଣା, ଖାଦ୍ୟପେୟ, ଶୀତ ବସ୍ତ୍ର ଆଦି ଜିନିଷ ଦେଖିବାକୁ ମିଳୁଛି। ନାମଯଜ୍ଞରେ କର୍ତ୍ତା ଭାବେ ତ୍ରିପୁର ପ୍ରଧାନ ଓ ପୂଜକ ସୁବାସ ତ୍ରିପାଠୀ ରହିଛନ୍ତି। ସକାଳେ କଳସ ଯାତ୍ରା ହୋଇଥିବା ବେଳେ ମକର ଚାଉଳ ବଣ୍ଟନ ଓ ମକର ମିଳନ ଦେଖିବାକୁ ମିଳିଛି। ରାତ୍ରିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର ସ୍ଥିରୀକୃତ ହୋଇଛି।



ଐତିହାସିକ ଗନ୍ଧରାଡ଼ି ମନ୍ଦିରରେ ମକର ସଂକ୍ରାନ୍ତି ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି

### ସୃଜନଶୀଳ ପ୍ରତିଭାର ଚରମ ଉତ୍କର୍ଷର ପ୍ରତିଫଳନ ହିଁ କଳାହାଣ୍ଡି ଉତ୍ସବ 'ଘୁମୁରା'

# କଳାହାଣ୍ଡିର ବୀର ମାଟି ଏବେ ବିକାଶପଥର ଯାତ୍ରୀ

**ଭବାନୀପାଟଣା, ୧୫ା୧ (ସମିସ)**

ମନୋରମ କଳା ବିଭବର ଜିଲ୍ଲା କଳାହାଣ୍ଡି। ଏହି ମାଟିରେ ଅନେକ ସଂସ୍କୃତି, ପରମ୍ପରା, ଲୋକଗୀତ, ଲୋକନୃତ୍ୟ ଏବଂ ସାହିତ୍ୟର କମନୀୟ ଅଭିବ୍ୟକ୍ତି ପୁରି ରହିଛି। କଳାହାଣ୍ଡି ଉତ୍ସବ ଘୁମୁରାର ରେଣ୍ଟୋ ମାଝୀ ମଞ୍ଚ ଓ ପାରବା ମଞ୍ଚରେ ଯେ କେହି ଅନୁଭବ କରିବାକୁ ବାଧ୍ୟ ହେଉଛି ଏକ ଆବେଦନ ଯେମିତି ରହୁଛି ମନରେ ସେତିକି କଳା ପ୍ରତି ତୀବ୍ରତା ବୃଦ୍ଧି ପାଉଛି। ଭିନ୍ନ ଭିନ୍ନ ରାଜ୍ୟର କଳାକାରମାନଙ୍କ ବେଶ ପୋଷାକ, ଭାଷା ସଭ୍ୟତା ସ୍ୱତନ୍ତ୍ର ହୋଇଥିଲେ ସୁଦ୍ଧା ସାହିତ୍ୟ, କଳା, ନୃତ୍ୟ, ଗୀତ ଓ ବାଦ୍ୟଦି ହେଉଛି ସଂସ୍କୃତିର ଅଭିବ୍ୟଞ୍ଜନ। କଳାହାଣ୍ଡି ବୀରମାଟି କଳା, ସଂସ୍କୃତି, ଭାଇଚାରା ଓ ବନ୍ଧୁତା ରଜ୍ଜୁରେ ବନ୍ଧାହୋଇ ବିକାଶ ପଥରେ ଆଗେଇ ଚାଲିଛି ବୋଲି ୨୬ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ର ଦ୍ୱିତୀୟ ସାନ୍ଧ୍ୟ ଅଧିବେଶନରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟଅତିଥି ଭାବେ ବାଣିଜ୍ୟ, ପରିବହନ ଓ ଜଳସେଚନ ବିଭାଗର ମନ୍ତ୍ରୀ ଟୁକୁନୀ ସାହୁ, ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ନର୍ଲା ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତି, କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଥୁଆମୂଳ ରାମପୁର ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ, କୋକସରା ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ, ଧର୍ମଗଡ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଷୀ, ଜୁନାଗଡ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଭବାନୀପାଟଣା



ସଦର ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ ସାହୁ, ମ. ରାମପୁର ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂହଦେଓ, ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ଜୁନାଗଡ ଏନ୍ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ, କେସିଙ୍ଗା ଏନଏସି ଅଧ୍ୟକ୍ଷ ନୃପରାଜ ଯାଦବ ପ୍ରମୁଖ ମଞ୍ଚାସୀନ ଥିଲେ। କଳାହାଣ୍ଡି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ମହାପାତ୍ର, ଶୁଭେନ୍ଦୁ ମହାପାତ୍ର ପରିଚାଳନା କରିଥିଲେ। ଏହାପରେ ମହ୍ଲାର କଳା ନିକେତନ ଦ୍ୱାରା ସୁଗମ ସଙ୍ଗୀତ ପରିବେଷଣ, ଶିଶୁ ଘୁମୁରା, ସିଟିଏମ୍ଏସ୍ ବାଗେଶ୍ୱରୀ କଳାକୁଞ୍ଜ ଓ ଜୁନାଗଡ କଳାକେନ୍ଦ୍ର ଦ୍ୱାରା ଓଡିଶୀ, ନୂପୁର ଭବାନୀପାଟଣା, ଛତିଶଗଡ଼ର ପନ୍ତୀ ନୃତ୍ୟ, ମହାବୀର ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ବଜାଶାଲ, ମୃଣ୍ମୟୀ, ଆସାମର ବିହୁ, ମହାରାଷ୍ଟ୍ରର ଲାବଣୀ, ସଂସ୍କୃତିର ଘୁଡକା ନାଚ, ରାୟଗଡ଼ା ଜିଲ୍ଲା ସଂସ୍କୃତି ପରିଷଦ, ପଞ୍ଜାବର ଭାଙ୍ଗଡା, ହରିୟାଣାର ଫାକ୍ ନୃତ୍ୟ, କୋରାପୁଟର ଢେମସା, ରେଣ୍ଟୋ ମାଝୀ ସାଂସ୍କୃତିକ ଅନୁଷ୍ଠାନ, କାରୁଣ୍ଡ କଳା କେନ୍ଦ୍ର, ଟିଟିଲାଗଡର ଡାପ ନୃତ୍ୟ ପ୍ରଭୃତି ପ୍ରଦର୍ଶିତ ହୋଇଥିଲା। ସେହିପରି ପାରବା ମଞ୍ଚରେ ୟଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲ, ସୋନାଲୀ ଡ୍ୟାନ୍ସ ଗ୍ରୁପ, ଏନ୍ଏସ୍ଏସ୍ ଡ୍ୟାନ୍ସ ସ୍କୁଲ, ଶାସ୍ତ୍ରୀଜି ମଡେଲ ସ୍କୁଲ, ଡିପିଏସ୍ଏସ୍ ସ୍କୁଲ, ମୟୁରୀ ଡ୍ୟାନ୍ସ ଗ୍ରୁପ, ରୋଶନୀ ଓ ସାଥୀ, ଜେକେ ଡ୍ୟାନ୍ସ ସ୍କୁଲ, ସିସିଏ ଡ୍ୟାନ୍ସ ସ୍କୁଲ, ସକ୍ଷମ ସମ୍ବଲପୁର କ୍ୱିନ, ତୁଷାର ଡ୍ୟାନ୍ସ ଗ୍ରୁପ, ଶାସ୍ତ୍ରୀ ସ୍ୱରୂପ ବିଦ୍ୟା ନିକେତନ, ପ୍ରାପ୍ତି ସିଂ ରାଜପୁତ, ସୌମ୍ୟା ସିଂ, ଇପସିତା ଖରସେଲ, ଆହାନା, ଗୁଞ୍ଜନ ମହାପାତ୍ର, ରତିକା ବିଶ୍ୱାଳ, ଏନ୍ ମେରୀ ମାଗ୍ରିଲିନୀ ଓ ଅଂଶିତା ଗଉଡ, ସମ୍ଭାବନା, ଆଲିସା ଆରୁଖ, ସିଦ୍ଧି ଶତପଥି, କିରଣ ଦୁର୍ଗା, ସୀମରନ ସାହୁ, ମନସୂୟା ସାହୁ, କୁଙ୍କୁମ ବାଗ, ଅଦିତି ବାଗ, ଆହାନ ହନୁମାନ ପ୍ରମୁଖ ଏକକ ନୃତ୍ୟ ପରିବେଷଣ କରିଥିଲେ। ସହିଦ ରେଣ୍ଟୋ ମାଝୀ ମଞ୍ଚରେ ସୁଧୀର ନାଏକ, ସସ୍ମିତା ସିଂହ, ପୂର୍ଣ୍ଣ ପଣ୍ଡା, ମନୋଜ ଶର୍ମା, ଲୋଚନୀ ବାଗ, ବିରଞ୍ଚି ନାରାୟଣ ମୁଣ୍ଡ, ଡିଲେଶ୍ୱର ରଣା ଏବଂ ପାରବା ମଞ୍ଚରେ ହେମନ୍ତ ସାହୁ, ସାବିତ୍ରୀ ମହାରଣା, ରାମେଶ୍ୱର ତ୍ରିପାଠୀ, ଦିପ୍ତୀମୟୀ ସିଂ, ଶିବଶକ୍ତି ପୁରୋହିତ, ସୁସ୍ମିତା ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସେହିପରି ସାଂସ୍କୃତିକ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଭାବରେ ସୁନାମଧନ୍ୟ କଳାକାର ରକଷ୍ଟାର ରୁକୁ ସୁନାଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ଗୀତ, ସଙ୍ଗୀତ, ନୃତ୍ୟ ଓ ବାଦ୍ୟର ବିଚିତ୍ରା ବିଳମ୍ବିତ ରାତି ଯାଏଁ ଲକ୍ଷାଧିକ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

### ■ ଫିଲ୍ମ ଷ୍ଟାଇଲରେ ଡକାୟତି

# ୨ ନାବାଳକ ସମେତ ୭ ଗିରଫ



**ବେଲପଡ଼ା, ୧୫ା୧(ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ନୁନହାଡ଼ ଗାଁ ନିକଟରେ ଏକ ପିକ୍ଅପ୍ ଭ୍ୟାନ ଡକାୟତି ଘଟଣାରେ ପୁଲିସ ୨ ନାବଳକ ସମେତ ୭ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନୂଆପଡ଼ା ଖଡ଼ିଆଳର ପିଣ୍ଟୁ ଝା, ରିକି ଓରଫ ପ୍ରଶାନ୍ତ କୁମ୍ଭାର, କରଣ ବାଗ, ସୁମନ୍ତ ସବର ଓରଫ ତୁଳାଚନ୍ଦ୍ର ଓ କଣ୍ଟାବାଞ୍ଜିର ରାହୁଲ ପରାଭୂଏ। ସୂଚନା ଅନୁଯାୟୀ ଗତ ୧୧ତାରିଖ ଦିନ ଭବାନୀପାଟଣାରୁ ନୂଆପଡ଼ା ଅଭିମୁଖେ ଆସୁଥିବା ଏକ ପିକଅପ ଭ୍ୟାନକୁ ଅଭିଯୁକ୍ତମାନେ ଲୁଟିଥିଲେ। ଉକ୍ତ ପିକଅପ ଭ୍ୟାନରେ ଫ୍ଲିପକାର୍ଡର ବିଭିନ୍ନ ସାମଗ୍ରୀ ଥିବା ବେଳେ ନୁନହାଡ଼ ଗାଁ ନିକଟରେ ଗାଡିର ଡ୍ରାଇଭର ସୁମିତ ପଧାନଙ୍କୁ ଅଟକାଇ ଅଭିଯୁକ୍ତମାନେ ଲିଫ୍ଟ ମାଗିଥିଲେ। ଅଧା ରାସ୍ତା ଯିବା ବେଳକୁ ଡ୍ରାଇଭରକୁ ମାରପିଟ କରି ଗାଡ଼ିରୁ ଓହ୍ଲାଇ ଦେଇଥିଲେ। ଅଭିଯୁକ୍ତମାନେ ଉକ୍ତ ଗାଡ଼ି ନେଇ ଫେରାର ହୋଇ ଯାଇଥିଲେ। ଏନେଇ ବେଲପଡ଼ା ଥାନାରେ ଲିଖିତ ଅଭିଯୋଗ ପରେ ବଲାଙ୍ଗୀର ଏସପିଙ୍କ ନେତୃତ୍ୱରେ ପାଟଣାଗଡ଼ ଏସଡିପିଓ ଜ୍ୟୋର୍ତିମୟ ଭୁକ୍ତା, ବେଲପଡ଼ା ଆଇଆଇସି ସୁଶାନ୍ତ କୁମାର ଦାସ, ଖପ୍ରାଖୋଲ ଆଇଆଇସି ରମାକାନ୍ତ ସାହୁ, ଏଏସଆଇ ଲମ୍ବୋଦର ରଣା ପ୍ରମୁଖ ତଦନ୍ତ କରି ଖଡ଼ିଆଳର ଓଁକାର ଭବନ ପରିସରରୁ ଗାଡି ଜବତ କରିଥିଲେ। ଗାଡିରେ ଥିବା ସାମଗ୍ରୀକୁ ଅଭିଯୁକ୍ତମାନେ କୁଆଡେ ଚମ୍ପଟ କରି ଦେଇଥିବା ବେଳେ ପିକଅପ ଭ୍ୟାନକୁ ପୁଲିସ ଜବତ କରି ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଛି। ପୁଲିସ ସେମାନଙ୍କଠାରୁ ଏକ ବୋଲେରୋ, ୧୦ମୋବାଇଲ ସହ ଏକ ପିସ୍ତଲ ଓ ବିଭିନ୍ନ ସାମଗ୍ରୀ ଜବତ କରିଛି। ଅଭିଯୁକ୍ତମାନଙ୍କ ଡାକ୍ତରୀମାଇନା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

**ବନ୍ଧୁକ ଦେଖାଇ ଲୁଟିଥିଲେ ପିକ୍ଅପ୍ ଭ୍ୟାନ**

# ସାହିତ୍ୟ ସଂସଦର ରଜତ ଜୟନ୍ତୀ ପାଳିତ

**ଡୁଙ୍ଗୁରିପାଲି, ୧୫ା୧(ସମିସ):** ଡୁଙ୍ଗୁରିପାଲି ସାହିତ୍ୟ ସଂସଦର ରଜତ ଜୟନ୍ତୀ ଆରଏମସି ପରିସରରେ ପାଳିତ ହୋଇଯାଇଛି। ସଂସଦର ସଭାପତି ଡ. ସୁବାସଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂପାଦକ ଅମୂଲ୍ୟ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ତପନ ଯୁଆଡି ଅତିଥି ପରିଚୟ ପ୍ରଦାନ କରିଥିଲେ। ଚିତ୍ତରଞ୍ଜନ ବିଶ୍ୱାଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଉପଆରକ୍ଷୀ ଅଧୀକ୍ଷକ ଡ.ଚନ୍ଦ୍ରଶେଖର ହୋତା, ସମ୍ମାନିତ ଅତିଥି ଭାବେ ବଡମାଳ ଆୟୁଧ ନିର୍ମାଣୀ ବିଦ୍ୟାଳୟ ରାଜମଣି ସାହୁ ଓ ମୁଖ୍ୟବକ୍ତା ଭାବରେ ଲୋଇସିଂହା ମହାବିଦ୍ୟାଳୟର ଓଡିଆ ବିଭାଗର ଅଧ୍ୟାପକ ଜଗମୋହନ ବର୍ଜି ଯୋଗ ଦେଇଥିଲେ। ପ୍ରଥମ ଅଧିବେଶନରେ ସଦାନନ୍ଦ ସାହୁ, ଦାଶରଥ ବେହେରା, ଶାନ୍ତନୁ ମହାପାତ୍ର, ମଧୁସ୍ମିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଚକ୍ଷୁରୋଗ ଡାକ୍ତର ଶ୍ରୀଧର ବିଶ୍ୱାଳଙ୍କୁ ସମାଜସେବା, ରୋଗୀସେବା କ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ହେମାଙ୍ଗିନୀ ଦାଶ ମାନପତ୍ର ପଠନ କରିଥିଲେ। ସଂସଦର ବରିଷ୍ଠ ସଦସ୍ୟ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ନାଏକ, ସୁରେଶ ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଜତ ଜୟନ୍ତୀ ଅବସରରେ ସଂସଦର ସ୍ମରଣିକା 'ପ୍ରୟାସ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନକରିଥିଲେ। ବିପ୍ରଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗୋପାଳ ବାରିକ, ସୁବାସ ଥଇତ, ଧ୍ରୁବଚରଣ ବାରିକ, ସୁଦାମ ସାହୁ, ବିବେକାନନ୍ଦ ତ୍ରିପାଠୀ, ବିଭୁଦତ୍ତ ବିଶ୍ୱାଳ, ନରୋତ୍ତମ ବରିହା, ଜୟ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ହେମାଙ୍ଗିନୀ ଦାସ, ସସ୍ମିତା ଦାସ, ଚନ୍ଦ୍ରାବତୀ ପାଣ୍ଡେ ଓ ଭରତ ନାଏକଙ୍କ ତତ୍ତ୍ୱାବଧାନରେ କବିତା ଆସର ଅନୁଷ୍ଠିତ ହୋଇଥିଲା।



# ମେଦିନୀଧର ଜାନୀଙ୍କ ଦେହାନ୍ତ

**ନର୍ଲା, ୧୫ା୧(ସମିସ):** ଆଦିବାସୀ ସଂସ୍କୃତି ଗବେଷକ ମେଦିନୀଧର ଜାନୀ ବାଥରୁମରେ ପଡି ଆହତ ହେବା ଯୋଗୁଁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ଆଇସିୟୁରେ ଭର୍ତ୍ତି ହୋଇଥିଲେ। ରାୟପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଜାତୀୟ ଜନଜାତି ଆୟୋଗ ରାଜ୍ୟ ସଂଯୋଜକ ତଥା ରାଜ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ପ୍ରତିଷ୍ଠାନର ସଭ୍ୟ ମେଦିନୀଧର ଜାନୀ ଗତ ଡିସେମ୍ବର ମାସ ୩୦ ଓ ୩୧ ତାରିଖ ଦୁଇଦିନିଆ ଗସ୍ତରେ ଝାରଖଣ୍ଡ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଇଥିଲେ। କାର୍ଯ୍ୟକ୍ରମ ସମାପନ ପରେ ଅତିଥି ଗୃହର ବାଥରୁମରେ ନୂଆବର୍ଷ ଦିନ ପ୍ରତ୍ୟାବର୍ତ୍ତନ ପାଇଁ ଗାଧୁଆ ସମୟରେ ପଡିଯାଇଥିଲେ। ସୋମବାର ତାଙ୍କର ଦେହାବସାନ ସୂଚନା ପରେ ଅଞ୍ଚଳରେ ଶୋକର ବାତାବରଣ ସୃଷ୍ଟି ହୋଇଛି। ଆଦିବାସୀ ସଂସ୍କୃତି ତଥା ନିଜ ଜାତି ଭାଇଙ୍କ ଉନ୍ନତି ନିମନ୍ତେ ଶିକ୍ଷକ ଜୀବନରୁ ଅବସର ନେଇ ଅନବରତ ଜାତି ସଂସ୍କୃତି ଉପରେ ଉତ୍ସର୍ଗୀକୃତ ଥିଲେ। ଶ୍ରୀ ଜାନୀଙ୍କ ଦେହାନ୍ତ ଆଦିବାସୀ ସମ୍ପ୍ରଦାୟ ତଥା ଆଦିବାସୀ ସଂସ୍କୃତି ଓ ଅଞ୍ଚଳ ପାଇଁ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି।

# ବଙ୍ଗୋମୁଣ୍ଡା କଳା ପରିଷଦ ପକ୍ଷରୁ ମକର ଉତ୍ସବ

**ବଙ୍ଗୋମୁଣ୍ଡା, ୧୫ା୧(ସମିସ):** ବଙ୍ଗୋମୁଣ୍ଡାର ନୂତନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚଉଷଠି ଯୋଗୀନି ସାହିତ୍ୟ କଳା ପରିଷଦ ପକ୍ଷରୁ ମକର ଉତ୍ସବ ପାଳନ କରାଯାଇଛି। ପରିଷଦର ସଭାପତି ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ରଞ୍ଜୁବାଳା ବେହେରା, ମୁଖ୍ୟବକ୍ତା ବ୍ୟଙ୍ଗ କବି ଟିକେଲାଲ ବେହେରା ଏବଂ ସମ୍ମାନିତ ଅତିଥି ଭାବରେ ଶିଶୁ ସାହିତ୍ୟକ ଯୁଗଳ କିଶୋର ଷଡଙ୍ଗୀ, ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ମାମରାଜ ଜୈନ, ନିର୍ଝରିଣୀ ସାହିତ୍ୟ ସଂସଦର ସମ୍ପାଦକ ବିରଞ୍ଚି ନାରାୟଣ ଦାସ, କୋଶଲି କବି ଭିକାରୀ ଚରଣ ମିଶ୍ର, ଜ୍ୟୋତିପ୍ରକାଶ ଗଡ଼ତିଆ, କଳା ପରିଷଦ ସମ୍ପାଦକ ନିଗମାନନ୍ଦ ଦାସ, ଜିଲ୍ଲା ଆଦିବାସୀ କଲ୍ୟାଣ ଯୁବକ ପରିଷଦ ସଭାପତି ସୁରେଶ ଭୋଇ, ସମାଜସେବୀ ଆଲୋକ ସାହୁ, ଅମିତ ସାହୁ, ଶିକ୍ଷକ ନେତ୍ରମଣି ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ଅଶୋକ ଭୋଇଙ୍କ ସ୍ମୃତିରେ ମଞ୍ଚ ସମର୍ପଣ କରାଯାଇଥିଲେ। ଏହି ଅବସରରେ ପ୍ରତିଭାବାନ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଦପଲା ଅପହରଣ ଓ ଆକ୍ରମଣ ମାମଲା

# ଅନ୍ୟତମ ଅଭିଯୁକ୍ତ ରାଜେନ୍ଦ୍ର ମହାକୁଡ କୋର୍ଟ ଚାଲାଣ

**ମନମୁଣ୍ଡା, ୧୫ା୧(ସମିସ):** ଦପଲା ଅପହରଣ, ପୁଲିସକୁ ଆକ୍ରମଣ ଓ ଜଣକୁ ହତ୍ୟା ଘଟଣାରେ ମନମୁଣ୍ଡା ପୁଲିସ ଆଜି ଅନ୍ୟତମ ଜଣେ ଅଭିଯୁକ୍ତକୁ ଗିରଫ ପୂର୍ବକ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ଦପଲା ଗ୍ରାମର ରାଜେନ୍ଦ୍ର ମହାକୁଡ। କନ୍ଧମାଳ ଥାନା ଲମ୍ବସରି ପଞ୍ଚାୟତ ଖମାର ଗ୍ରାମର ପରମେଶ୍ୱର ମହାକୁଡ ଦପଲା ଗ୍ରାମର ସମିତ ମହାଲିଙ୍ଗ ଓ ଶ୍ୟାମସୁନ୍ଦର ଦନ୍ତାଠାରୁ ୧୨ ହଜାର ଟଙ୍କା ନେଇ ଫେରସ୍ତ କରି ନଥିଲା। ସମିତ ଓ ଶ୍ୟାମ ଦପଲା ଗ୍ରାମର ଚୈତନ୍ୟ ମହାକୁଡଙ୍କ ସହ ମିଶି ଗତ ୩ ତାରିଖ ସନ୍ଧ୍ୟାରେ ପରମେଶ୍ୱରକୁ ଅପହରଣ କରି ଶ୍ୟାମଙ୍କ ଘର ପଛପଟରେ ଥିବା କପା ବଗିଚାରେ ଲୁଚାଇ ରଖିଥିଲେ। ପରେ ଦପଲାର ମନୋଜ ଦନ୍ତା ଏବଂ ଆଉ ଦୁଇଜଣ ନାବାଳକ ଏହି କାଣ୍ଡରେ ଯୋଗ ଦେଇଥିଲେ। ପରମେଶ୍ୱରକୁ ମୁକ୍ତି ପାଇଁ ତାଙ୍କ ଶଶୁର ମନୋହରପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଭାଇ ମଦନମୋହନ ସହ ଟଙ୍କା ଧରି ସେଠାକୁ ଯାଇଥିଲେ। ସେଠାରେ ଅପହରଣକାରୀ ଚୈତନ୍ୟଙ୍କ ବାପା ରାଜେନ୍ଦ୍ର ମହାକୁଡ ମଧ୍ୟ ସେହି ସମୟରେ ସେଠାକୁ ଆସିଥିଲେ। ତାହା ଦେଖି ପୂର୍ଣ୍ଣଚନ୍ଦ୍ର ୧୧୨କୁ ଫୋନ୍ କରିବାରେ ଏଏସଆଇ କୁମୁଦଚନ୍ଦ୍ର ଭୋଇ ଅଳ୍ପସଂଖ୍ୟକ ପୁଲିସ ବଳ ସହ ସେଠାକୁ ପହଞ୍ଚିଥିଲେ। ଅପହରଣକାରୀ ଗୋଷ୍ଠୀ ପ୍ରଥମେ ପୁଲିସ ଉପରେ ନିଷ୍ଠୁର ଭାବେ ଆକ୍ରମଣ କରିଥିଲେ। ପରେ ସେମାନେ ପୂର୍ଣ୍ଣଚନ୍ଦ୍ର ଏବଂ ମଦନ ଉପରେ ମଧ୍ୟ ଆକ୍ରମଣ କରିଥିଲେ। ସେମାନେ ପୂର୍ଣ୍ଣଚନ୍ଦ୍ରଙ୍କଠାରୁ ଏକ ଲକ୍ଷ ଟଙ୍କା ଲୁଟି ନେବା ସହ ସେମାନଙ୍କ ଦୁଇ ବାଇକକୁ ଭଙ୍ଗାରୁଜା କରି ଫେରାର ହୋଇଯାଇଥିଲେ। ଅନ୍ୟ ପକ୍ଷରେ ଏହାର ସୁଯୋଗ ନେଇ ଅପହୃତ ବ୍ୟକ୍ତି ପରମେଶ୍ୱର ସେଠାରୁ ପଳାଇଯାଇଥିଲେ। ଆକ୍ରମଣରେ ମଦନଙ୍କ ମୁଣ୍ଡରେ ଆଘାତ ହୋଇ ସୋନପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ପୂର୍ଣ୍ଣଚନ୍ଦ୍ର ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ପ୍ରାଣ ହରାଇଥିଲେ। ପୁଲିସ ୭ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଅଭିଯୁକ୍ତ ଦପଲା ଗ୍ରାମର ସମିତ ମହଲିଙ୍ଗ, ଶ୍ୟାମସୁନ୍ଦର ଦନ୍ତା, ଚୈତନ୍ୟ ମହାକୁଡ ଏବଂ ମନୋଜ ଦନ୍ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜଣେ ନାବାଳକକୁ ପିଏମଜେଜେବିରେ ହାଜର କରାଇଥିଲା। ପୁଲିସ ଆଜି ଅନ୍ୟତମ ଅଭିଯୁକ୍ତ ରାଜେନ୍ଦ୍ର ମହାକୁଡ କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସଂପୃକ୍ତ ଥିବା ଆଉ ଜଣେ ନାବାଳକ ଅଦ୍ୟାବଧି ଫେରାର ଥିବା ଜାଣିବାକୁ ମିଳିଛି।

# ଶୀଘ୍ର ଆରମ୍ଭ ହେବ ରାମେଶ୍ୱର ଓ ଗୋଧନେଶ୍ୱର ପ୍ରକଳ୍ପ କାମ

**ସୋନପୁର, ୧୫ା୧ (ସମିସ):** ଖୁବ୍ ଶୀଘ୍ର ବହୁ ପ୍ରତୀକ୍ଷିତ ରାମେଶ୍ୱର ଏବଂ ଗୋଧନେଶ୍ୱର ବହୁମୁଖୀ ପ୍ରକଳ୍ପର ନିର୍ମାଣ କାମ ଆରମ୍ଭ ହେବ। ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଭିତ୍ତିପ୍ରସ୍ତର ସ୍ଥାପିତ ହେବ ବୋଲି ଜଣାପଡ଼ିଛି। ଏହି



**ପାଞ୍ଚ ଦିନ ପରେ ଭିତ୍ତିପ୍ରସ୍ତର ସ୍ଥାପନ**

ଦୁଇ ପ୍ରକଳ୍ପ ସମେତ ମୋଟ ୧୮ଟି ଇନ୍ଷ୍ଟିମ ଷ୍ଟୋରେଜ୍ ଷ୍ଟ୍ରକଚର ପାଇଁ ଭିଡିଓ କନ୍ଫରେନ୍ସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବେ। ତେବେ ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ବ୍ଲକର ଗୋଧନେଶ୍ୱର ଏବଂ ରାମେଶ୍ୱର ତ୍ରିବେଣୀ ସଙ୍ଗମଠାରୁ ୩ କିଲୋମିଟର ଦୂର ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଖଇରମାଳଠାରେ ଇନ୍ଷ୍ଟିମ ଷ୍ଟୋରେଜ୍ ଷ୍ଟ୍ରକଚର(ଆଇଏସ୍ଏସ୍) ନିର୍ମାଣ ହେବ। ବୀରମହାରାଜପୁର ବ୍ଲକର ଜଟେସିଂହା ହାଇସ୍କୁଲ ପଡ଼ିଆରେ ଗୋଧନେଶ୍ୱର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଅନୁଷ୍ଠିତ ହେବ।

ଗୋଧନେଶ୍ୱର ଏବଂ ଖଇରମାଳ ପ୍ରକଳ୍ପ ପାଇଁ ମୋଟ ୧୯୫୦ କୋଟି ଟଙ୍କା ବ୍ୟୟ ହେବ। ମହାନଦୀ ଗର୍ଭରେ ନିର୍ମାଣ ହେବାକୁ ଥିବା ଏହି ଦୁଇ ପ୍ରକଳ୍ପ ଉଭୟ ସୁବର୍ଣ୍ଣପୁର ଏବଂ ବୌଦ୍ଧ ଜିଲ୍ଲାପାଇଁ ଜଳସେଚନ, ପାନୀୟ ଜଳ ଏବଂ ପର୍ଯ୍ୟଟନ ପାଇଁ ବିଶେଷ ସହାୟକ ହେବ। ତେବେ ଉଭୟ ରାମେଶ୍ୱର ଏବଂ ଗୋଧନେଶ୍ୱର ଇନ୍ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର ନିର୍ମାଣ କାମ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ଆଶା ସଞ୍ଚାର ହୋଇଛି। ଏହି ଦୁଇ ପ୍ରକଳ୍ପ ନିର୍ମାଣ ହେଲେ ଜଳର ସଠିକ ଉପଯୋଗ ହେବା ସହ ନଦୀରେ ଜଳ ଧାରଣ କ୍ଷମତା ବୃଦ୍ଧି ପାଇବ। ଗ୍ରୀଷ୍ମ ଋତୁରେ ନଦୀ ଶଯ୍ୟା ଶୁଖିବ ନାହିଁ କିମ୍ବା ବର୍ଷା ଦିନେ ବନ୍ୟାର ଭୟ ଦେଖାଦେବ ନାହିଁ। ଏହି ବହୁମୁଖୀ ପ୍ରକଳ୍ପ ଦ୍ୱାରା ଜଳ ସେଚନ, ଜଳ ସଂରକ୍ଷଣ, ମତ୍ସ୍ୟଚାଷ ତଥା ପର୍ଯ୍ୟଟନ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଶୀତ ଋତୁରେ ପବିତ୍ର ତ୍ରିବେଣୀ ସଙ୍ଗମରେ ମହାନଦୀ ଚିଲିକା ଭଳି ଦୃଶ୍ୟମାନ ହେବ। ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏହି ବହୁମୁଖୀ ପ୍ରକଳ୍ପ ସହାୟକ ହେବ।

ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାଠାରୁ ୨୦ କିଲୋମିଟର ଦୂର ଗୋଧନେଶ୍ୱର ପ୍ରକଳ୍ପ ନିର୍ମାଣ ପାଇଁ ୧୦୨୪ କୋଟି ୮୧ ଲକ୍ଷ ଟଙ୍କା ଏବଂ ରାମେଶ୍ୱରଠାରୁ ୩ କିଲୋମିଟର ଦୂର ବୌଦ୍ଧ ଜିଲ୍ଲାର ଖଇରମାଳଠାରେ ୯୨୫ କୋଟି ୫୯ ଲକ୍ଷ ଟଙ୍କାର ବ୍ୟୟରେ ଇନ୍ଷ୍ଟିମ ଷ୍ଟୋରେଜ୍ ଷ୍ଟ୍ରକଚର ନିର୍ମାଣ ହେବ।



୧୭ ତାରିଖ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ୨୬ଟି ପଞ୍ଚାୟତରୁ ଫେରିଥିବା ଅର୍ପଣ ରଥକୁ ସମ୍ବର୍ଦ୍ଧନା କରାଯାଇଛି।



ଗତ ୧୦ରୁ ତରଭା ଏନ୍ଏସି ଅଞ୍ଚଳରେ ଅର୍ପଣ ରଥ ଅକ୍ଷତ ଚାଉଳ ଓ ଗୁଆ ସଂଗ୍ରହ କରିବା ପରେ ସୋମବାର ପବିତ୍ର ମକର ସଂକ୍ରାନ୍ତିରେ ଏହି ଉଦ୍ଯାପିତ ହୋଇଛି।

# ଆୟୁର୍ବେଦିକ କଲେଜ ଓ ହସ୍ପିଟାଲର ବାର୍ଷିକୋତ୍ସବ

**ବଲାଙ୍ଗିର, ୧୫ା୧ (ସମିସ):** ସରକାରୀ ଆୟୁର୍ବେଦିକ କଲେଜ ଓ ହସ୍ପିଟାଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସେ ତାଙ୍କର ବକ୍ତବ୍ୟ ରଖି ଆୟୁର୍ବେଦିକ କଲେଜକୁ କବିରାଜ ରାଏଗୁରୁଙ୍କ ନାମରେ ନାମିତ କରାଯାଉ ବୋଲି କହିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଅଖିଳ ଚନ୍ଦ୍ର ହୋତା ଯୋଗ ଦେଇଥିଲେ। ଛାତ୍ର ସଂସଦ ସମ୍ପାଦକ ବୁଲୁ ମେହେର ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଛାତ୍ର ସଂସଦ ସଭାପତି ସତ୍ୟମ ଚନ୍ଦ୍ରାକର କଲେଜର ବିଭିନ୍ନ ସମସ୍ୟା ଉପରେ ଅତିଥିମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଏ ଅବସରରେ ଡାକ୍ତର ସୁଶିଲ କୁମାର ମେହେର ସ୍ମୃତି କମିଟି ତରଫରୁ ଡା.ବୈଶାଳି ଦାନି ଓ ଡା.ଇପ୍ସିତା ସାହୁଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ସଞ୍ଜିବନୀ ସେବା ସଂଗଠନ ତରଫରୁ ଡା. ସନ୍ତୋଷ ଧଳ ଓ ଡା. ପ୍ରତ୍ୟୁଷ ମହାପାତ୍ରଙ୍କୁ ଦତ୍ତାତ୍ରେୟ ସମ୍ମାନ ଓ ଡା. ବୈଶାଳି ଦାନି, ଡା. ସୌମ୍ୟ ରଞ୍ଜନ ଜେନାଙ୍କୁ ଅଗ୍ନିବେଶ ସମ୍ମାନ ପ୍ରଦାନ କରାଯାଇଥିଲା। ଛାତ୍ର ସଂସଦର ଉପଦେଷ୍ଟା ସୁଶାନ୍ତ ମେହେର ଧନ୍ୟବାଦ ପ୍ରଦାନ କରିଥିଲେ। ଡାକ୍ତରୀ ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




# ଶତାୟୁ ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

**ବୌଦ୍ଧ, ୧୫ା୧(ସମିସ):** ଶତାୟୁ ସ୍ୱାଧୀନତା ସଂଗ୍ରାମୀ ଗୌରମୋହନ ମିଶ୍ରଙ୍କ ସୋମବାର ଅପରାହ୍ନରେ ବୌଦ୍ଧ ବଗିଚାସାହିସ୍ଥିତ ନିଜ ବାସଭବନରେ ଦେହାନ୍ତ ହୋଇଯାଇଛି। ୧୯୨୨ ଜୁଲାଇ ୨୦ ତାରିଖରେ ଜନ୍ମିତ ସ୍ୱର୍ଗତ ମିଶ୍ର ସ୍ୱାଧୀନତା ଆନ୍ଦୋଳନରେ ସାମିଲ ରହିବା ସହ "ମୁକ୍ତିଯୁଦ୍ଧ" ଏବଂ "ଗଡଜାତ ତାର" ଖବରକାଗଜରେ ସାମ୍ବାଦିକତା କରିଥିଲେ। ସେ ଥିଲେ ବୌଦ୍ଧ ଗଡଜାତର ପ୍ରଥମ ବ୍ୟକ୍ତିଗତ ଫୋଟୋଗ୍ରାଫର। ଏହି ଶତାୟୁ ସ୍ୱାଧୀନତା ସଂଗ୍ରାମୀ ବ୍ରାହ୍ମଣ ସମାଜର ସଭାପତି, ନାଗରିକ କମିଟିର ସଭାପତି ଭାବେ ଦୀର୍ଘବର୍ଷ ଧରି ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କର ତିନିପୁଅ ଓ ଦୁଇଟି ଝିଅ ଥିବାବେଳେ ମୃତ୍ୟୁବେଳକୁ ତାଙ୍କର ବଡ ପୁଅ, ମଝିଆ ପୁଅ ଓ ବୋହୂ ଉପସ୍ଥିତ ଥିଲେ। ବୌଦ୍ଧର ଅନେକ ବିଶିଷ୍ଟ ବ୍ୟକ୍ତି ତାଙ୍କର ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବେଳେ ଏହି ଦୁଃଖଦ ଖବରରେ ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳିଯାଇଛି।



### ପୁଣି ଚମକିଲେ ବଲାଙ୍ଗିରର କୁନି ବ୍ୟାଡମିଣ୍ଟନ ଖେଳାଳି

# ୯ ଓ ୧୧ ବର୍ଷ ବର୍ଗରେ ସମର୍ଥ ଓ ଗୌତମ ରାଜ୍ୟ ଚାମ୍ପିଅନ

**ବଲାଙ୍ଗିର, ୧୫ା୧(ସମିସ)**

ୟନେକ୍ସ ସନ୍ରାଇଜ ଓ ଏସ୍ବିଏ ରାଜ୍ୟ ରେଙ୍କିଂ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ୯ ଓ ୧୧ ବର୍ଷ ବୟସ ବର୍ଗରେ ଜିଲ୍ଲା ବ୍ୟାଡମିଣ୍ଟନ ସଂଘରୁ ପ୍ରତିନିଧିତ୍ୱ କରିଥିବା ଖେଳାଳି ସମର୍ଥ ପାଢ଼ୀ ଓ ଜି. ଗୌ÷ତମ ରାଜ୍ୟ ଚମ୍ପିୟାନ ହୋଇ ବଲାଙ୍ଗିର ଜିଲ୍ଲା ପାଇଁ ଗୌ÷ରବ ଆଣିଛନ୍ତି। ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଓ କଟକ ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ଖ୍ରୀଷ୍ଟ କଲେଜ ଇନଡୋର ଷ୍ଟାଡିୟମଠାରେ ଗତ ୧୨ ତାରିଖରୁ ଅନୁଷ୍ଠିତ ହୋଇ ୧୪ ତାରିଖରେ ଶେଷ ହୋଇଛି। ୯ ବର୍ଷ ରୁ କମ୍ ବର୍ଷ ବୟସ ବର୍ଗରେ ବଲାଙ୍ଗିର ଖେଳାଳି ସମର୍ଥ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ବାଲେଶ୍ୱର ଖେଳାଳି ହର୍ଷଙ୍କୁ ୨୧-୧୬ ଓ ୨୧-୭ ପଏଣ୍ଟରେ ସିଧାସଳଖ ଦୁଇ ସେଟ୍ରେ ପରାଜିତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ସେହିପରି ଶୀର୍ଷ ମାନ୍ୟତା ଖେଳାଳି ଜି. ଗୌ÷ତମ ଖୋର୍ଦ୍ଧାର ସଚିନ ସାହୁଙ୍କୁ ସିଧାସଳଖ ୨୧-୧୬ ଓ ୨୧-୧୦ରେ ପରାଜିତ କରି ଚାମ୍ପିଅନ ହୋଇଛନ୍ତି। ଖେଳାଳି ତଥା କୋଚ ଅଭିମନ୍ୟୁ ବର୍ଗଙ୍କ ତତ୍ତ୍ୱାବଧାନରେ ଏକ ୧୦ ଜଣିଆ ଟିମର ପ୍ରାୟ ସମସ୍ତ ଖେଳାଳି ଏହି ପ୍ରତିଯୋଗିତାରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ। ସେମାନଙ୍କର ସଫଳତାରେ ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, ସମ୍ପାଦକ ସୁରୁଲାଲ ମଟାରୀ, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପ ସଭାପତି ଘନଶ୍ୟାମ ମିଶ୍ର, ଅନନ୍ତ ବେହେରା, ମାନସ ମହାନ୍ତି, କବି ଠାକୁର, ସୁରେନ୍ଦ୍ର ନେପାଳ, ସିଦ୍ଧାର୍ଥ ମିଶ୍ର, ଆଶିଷ ଦର୍ଜି, ଅଜିତ ଶତପଥିଙ୍କ ସମେତ ସଂଘର କର୍ମକର୍ତ୍ତା ଓ ଖେଳାଳି ମାନେ ଅଭିନନ୍ଦନ ଜଣାଇଛନ୍ତି।



■ ସିର୍ଲିଗୁଡ଼ାରୁ ସମ୍ବର ଉଦ୍ଧାର ପ୍ରସଙ୍ଗ

# ନୀଳଗାଈ ବୋଲି କହିଲା ବନ ବିଭାଗ

**କୋକସରା, ୧୫ ।୧(ସମିସ):** କୋକସରା ବ୍ଲକ ଟେମରା ପଞ୍ଚାୟତ ସିର୍ଲିଗୁଡା ନିକଟସ୍ଥ କେନାଲରୁ ଗ୍ରାମବାସୀ ଗତକାଲି ଆହତ ଅବସ୍ଥାରେ ଏକ ସମ୍ବର ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି । ତେବେ ଉଦ୍ଧାର ହୋଇଥିବା ଉକ୍ତ ବନ୍ୟପ୍ରାଣୀ ସମ୍ବର ବୋଲି କୁହାଯାଉଥିବାବେଳେ



ସମ୍ବର ନୁହେଁ ତାହା 'ନୀଳଗାଈ' ବୋଲି ବନ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଥିବା ସୂଚନା ମିଳିଛି । ଉକ୍ତ ନୀଳଗାଈକୁ ନନ୍ଦନକାନନ କିମ୍ବା କୌଣସି ପ୍ରାଣୀ ଉଦ୍ୟାନରେ ସୁରକ୍ଷିତ ଛାଡ଼ିବାକୁ ଉଦ୍ଧାରକାରୀ ଓ ଗ୍ରାମବାସୀ ପକ୍ଷରୁ ଦାବି ହୋଇଛି । ଏନେଇ ସୋମବାର ସିର୍ଲିଗୁଡା ଗ୍ରାମବାସୀ ବେହେରା ଫରେଷ୍ଟ କାର୍ଯ୍ୟାଳୟରେ ପହଞ୍ଚି ଉଦ୍ଧାର କରାଯାଇଥିବା ଉକ୍ତ ନୀଳଗାଈର ସ୍ୱାସ୍ଥ୍ୟବସ୍ଥା ବିଷୟରେ ବନ ବିଭାଗକୁ ପଚାରିବା ସହ ତା'ର ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସୁଥିବା ଦେଖି ଖୁସିବ୍ୟକ୍ତ ହୋଇଛନ୍ତି । ବେହେରା ବନ କାର୍ଯ୍ୟାଳୟରେ ଧର୍ମଗଡ଼ ରେଞ୍ଜ ଅଫିସର ଭବାନୀ ଶଙ୍କର କାଉଁରଙ୍କୁ ସେମାନେ ସାକ୍ଷାତ କରି ନନ୍ଦନ କାନନରେ ଉକ୍ତ ନିଲଗାଈକୁ ଛାଡ଼ିବା ପାଇଁ ଦାବି କରିଛନ୍ତି । ସ୍ଥାନୀୟ ଜଙ୍ଗଲରେ ଛାଡ଼ିଲେ ଏହି ବନ୍ୟପ୍ରାଣୀ ସୁରକ୍ଷିତ ରହିବା ନେଇ ଚିନ୍ତା ପ୍ରକଟ କରିଛନ୍ତି ସିର୍ଲିଗୁଡା ଗ୍ରାମବାସୀ । କାରଣ ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ ଦିନକୁ ଦିନ କାଠ ମାଫିଆ ଓ ବନ୍ୟ ଜନ୍ତୁ ଶିକାରୀଙ୍କ ପ୍ରାଦୁର୍ଭାବ ବଢ଼ିଛି । ଏହି ପ୍ରଜାତିର ବନ୍ୟପ୍ରାଣୀକୁ ନନ୍ଦନ କାନନରେ ସୁରକ୍ଷିତ ଛାଡ଼ିବା ପାଇଁ ଉଦ୍ଧାରକାରୀ ଥବିର ବିଷି, ଲାବାଣ୍ୟ ବିଷି, ସୁରେଶ ମାଝୀ ସମେତ ଗ୍ରାମର ଶ୍ୟାମସୁନ୍ଦର ନାଏକ ଓ ଅଞ୍ଚଳବାସୀ ଦାବି କରିଛନ୍ତି । ଏନେଇ ଧର୍ମଗଡ଼ ରେଞ୍ଜ ଅଫିସର ଭବାନୀ ଶଙ୍କର କାଉଁରଙ୍କୁ ପଚାରିବାରୁ ସମ୍ପୂର୍ଣ୍ଣ ସୁସ୍ଥ ହେବାପରେ ଉକ୍ତ ନୀଳଗାଈକୁ ସୁରକ୍ଷା ଦୃଷ୍ଟିକୋଣରୁ ସେ ଆସିଥିବା ଜଙ୍ଗଲରେ ହିଁ ଛଡାଯିବ ବୋଲି କହିଛନ୍ତି ।

# କେନାଲ ଅଛି, ପାଣି ନାହିଁ; ଚାଷୀଙ୍କ ଆନ୍ଦୋଳନ

ଧର୍ମଗଡ଼, ୧୫।୧ (ସମିସ)

ଆଗାମୀ ରବି ଚାଷ ପାଇଁ ଧର୍ମଗଡ ବ୍ଲକ ଅନ୍ତର୍ଗତ ଟିପିଗୁଡା କେନାଲରେ ପାଣି ଛାଡିବାକୁ ଦାବିକରି ଟିପିଗୁଡା ଅଞ୍ଚଳର ଶତାଧିକ ଚାଷୀ ଧର୍ମଗଡ଼ ଇନ୍ଦ୍ରାବତୀ ଅଧୀକ୍ଷଣ ଯନ୍ତ୍ରୀ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ୨୦୦୬ରୁ ଏହି ଅଂଚଳରେ କେନାଲ ଖୋଲା ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଚାଷୀଙ୍କୁ ପାଣି ଦେଉ ନ ଥିବାରୁ ଚାଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାରମ୍ବାର ମରୁଡି ଦେଖା ଦେଉଥିବା ବେଳେ ଚଷୀ ମାନଙ୍କୁ କିନ୍ତୁ ଜଳସେଚନ ଅଂଚଳ କହି ମରୁଡିଜନିତ କୌଣସି ସରକାରୀ ସୁବିଧା ଦିଆଯାଉନାହିଁ । ଅନ୍ୟପଟେ ଚାଷୀ କିନ୍ତୁ ନିଜ ଚାଷ ଜମିରେ କେନାଲ ଦେଖୁଥିଲେ ମଧ ପାଣି ପାଇପାରୁ ନାହିଁ । ବିଭାଗୀୟ ଅଧିକାରୀ ଡ୍ୟାମରେ ପାଣି ନାହିଁ, ଦିଆଯାଇ ପାରିବ ନାହିଁ ବୋଲି କହୁଥିବା ଚାଷୀ ଅଭିଯୋଗ କରୁଛନ୍ତି । ତେବେ ଡ୍ୟାମର ପାଣି କାହିଁକି ହାତୀ ନଦୀରେ ବର୍ଷ ସାରା ଛାଡି ଦିଆଯାଉଛି, ବିଭିନ୍ନ କମ୍ପାନୀକୁ ଦିଆଯାଉଛି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି । ଚଳିତ ରବି ଋତୁରେ ଟିପିଗୁଡା ଅଂଚଳକୁ ପାଣି ନଦେଲେ ଆଗାମୀ ଦିନରେ ଭୟଙ୍କର ଭାବେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ଧମକ ଦେଇଛନ୍ତି । ଚାଷୀ ବନକୁମାର ନାଏକ, ନୀଳାମ୍ବର ନାଏକ, ଜୀବଶଙ୍କର ନାଏକ, ଜଗଦୀଶ ନାଏକ, ତ୍ରିଲୋଚନ ନାଏକ, କାନ୍ତ ନାଏକ ଆଦି ଯୋଗ ଦେଇଥିବାବେଳେ ଏହି ଆନ୍ଦୋଳନକୁ ପ୍ରଦେଶ କଂଗ୍ରେସ ସମ୍ପାଦକ ଦିଗାମ୍ବର ଦୁରିଆ, ସନ୍ତୋଷ ପାଢ଼ୀ, ଡାକେଶ୍ୱର ଲହଜଲ, ରତନ ନାଏକ, ଗୋବିନ୍ଦ ଜାଲ ସମର୍ଥନ ଦେଇଥିଲେ ।



# ସମାଜ ମଙ୍ଗଳ କାମନା କରି ପଦଯାତ୍ରା

**ସୁବଳୟା,୧୫।୧ (ସମିସ):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ଗ୍ରାମର ପାଞ୍ଚ ଜଣ ଯୁବକ ସମାଜର ମଙ୍ଗଳ ଉଦ୍ଦେଶ୍ୟରେ ପୁରୀ ଶ୍ରୀକ୍ଷେତ୍ରକୁ ପଦଯାତ୍ରା କରୁଛନ୍ତି । ଆଜି ସକାଳୁ ପ୍ରଥମେ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ପୁରୀ ଅଭିମୁଖେ ବାହାରିଥିଲେ । ବିଭିନ୍ନ ଗ୍ରାମରେ ଉକ୍ତ ଯୁବକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଥିବା ଜଣାଯାଇଛି । ପ୍ରଥମ ଦିନରେ ୬୦ରୁ ଊର୍ଦ୍ଧ୍ୱ କିଲୋମିଟର ପଦଯାତ୍ରା କରିଥିବା ପ୍ରକାଶ କରିଛନ୍ତି । ଏହି ପଦଯାତ୍ରାରେ ମନୋଜ ନାଏକ, ବିପିନ ଚଉଧରୀ, ପ୍ରମେଶ ସମର୍ଥ, ଯୁଧିଷ୍ଠିର ମେହେର ଓ ଅଞ୍ଜନ ବାରଫୁଟିଆ ପ୍ରମୁଖ ସାମିଲ ହୋଇଛନ୍ତି ।



# ସ୍ୱଭାବକବିଙ୍କ ଶ୍ରାଦ୍ଧ ଶତବାର୍ଷିକୀରେ ଯୋଗଦେବେ ରାଜ୍ୟପାଳ

**ସିନାପାଲି, ୧୫।୧(ସମିସ):** ଆସନ୍ତା ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ କବି ପୀଠ ବରପାଲିରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଓ ମେହେର ସମାଜର ଶତବାର୍ଷିକ ମହାସଭା ଆୟୋଜନ କରାଯାଉଥିବା ବେଳେ ଏହି ଐତିହାସିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡ଼ିଶା ରାଜ୍ୟପାଳ ସମ୍ମତି ପ୍ରକାଶ କରିଥିବା ଜଣାପଡ଼ିଛି । ନିଖିଳ ଓଡ଼ିଶା ମେହେର ସମାଜର ସଭାପତି ତଥା ନୂଆପଡ଼ା ଜିଲ୍ଲା ସିନାପାଲିର ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେରଙ୍କ ନେତୃତ୍ୱରେ ଯାଇଥିବା ଏକ ପାଞ୍ଚଜଣିଆ ପ୍ରତିନିଧି ଦଳକୁ ରାଜଭବନରେ ରାଜ୍ୟପାଳ ରଘୁବର ଦାସ ଏହି ସ୍ୱୀକୃତି ଦେଇଛନ୍ତି । ପ୍ରତିନିଧି ଦଳରେ ସମାଜର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମୋହନ ମେହେର, ଭୁବନେଶ୍ୱର ନଗର ସଭାପତି ମିହିର ମେହେର, ରାଜ୍ୟ ସଂଗଠକ ପ୍ରଫୁଲ୍ଲ ମେହେର, ଭୁବନେଶ୍ୱର ୟୁନିଟ୍ ସଂଯୋଜକ ଅଶୋକ ମେହେର ସାମିଲ ଥିଲେ ।



## 'ମୁଗଡାଲିର୍ ବାସ୍ନା' ଉନ୍ମୋଚିତ

**ବୀରମହାରାଜପୁର, ୧୫।୧ (ସମିସ):** ପାତାଳି ଶ୍ରୀକ୍ଷେତ୍ର ପୀଠରେ ଅଧ୍ୟାପକ ଗାଳ୍ପିକ ଯଜ୍ଞେଶ୍ୱର ବିଶିଙ୍କ ପୁସ୍ତକ ମୁଗଡାଲିର ବାସ୍ନା ଉନ୍ମୋଚନ ହୋଇଯାଇଛି । ସାମାଜିକ ସଚେତନତାଧର୍ମୀ ଉକ୍ତ ପୁସ୍ତକରେ ୨୦ଟି ଗଳ୍ପ ରହିଥିବାବେଳେ, ସମସ୍ତ ଗଳ୍ପ ସାମାଜିକ ସଚେତନ ଧର୍ମୀ ବୋଲି ଶ୍ରୀ ବିଶି ପ୍ରକାଶ କରିଛନ୍ତି । ଉକ୍ତ ପୁସ୍ତକ ଉନ୍ମୋଚନ ବେଳେ କବି ଆର୍ତ୍ତତ୍ରାଣ ବାବୁଙ୍କ ସମେତ ବହୁ କବି ସାହିତ୍ୟିକ ଉପସ୍ଥିତ ଥିଲେ । ପୂର୍ବରୁ ଏକାଧିକ ପୁସ୍ତକ ସେ ରଚନା କରିଥିବା ଜଣାଯାଇଛି ।

## ଗଙ୍ଗାଧର ସାରସ୍ୱତ ସମିତିର ଫକୀରମୋହନ ଜୟନ୍ତୀ

**ସିନାପାଲି, ୧୫।୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲିରେ ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ମକର ମିଳନ ତଥା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସମିତିର ସଭାପତି ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ହାଇସ୍କୁଲସ୍ଥିତ ଏନସିସି ଭବନରେ ଆୟୋଜିତ ଏହି ଆସରରେ ସାହିତ୍ୟ ଓ ଭାଷାପ୍ରେମୀ ଉପସ୍ଥିତ ଥିଲେ । ମକର ମିଳନ ଓ କଥାସମ୍ରାଟ ଫକୀର ମୋହନଙ୍କ ସାହିତ୍ୟ କୃତି ବିଷୟରେ ଆଲୋଚନା କରିଥିଲେ । ଶିକ୍ଷାବିତ ରମେଶ ହଂସ, ଅତୁଳ ପାତ୍ରଙ୍କ ସହ ସମିତିର ସଂପାଦକ ତରୁଣ ମେହେର, ମୁରଲୀଧର ସା, ଲଳିତ ସୁନାରୀ, ପରେଶନାଥ ପାଣିଗ୍ରାହୀ, ଭ୍ରମର ବାଗ, ହରେକୃଷ୍ଣ ମେହେର, ପ୍ରେମାନନ୍ଦ ମେହେର, ବଂଶୀଧର ଜଗତ, ଲୋଚନ ମେହେର, ରଶ୍ମିରଂଜନ ସା ପ୍ରମୁଖ ଉପସ୍ଥିତ ଥିଲେ । ଗୌତମ ମେହେର ଧନ୍ୟବାଦ ଦେଇଥିଲେ ।

## ଡା. ମହେନ୍ଦ୍ର ମାଝୀ ସ୍ମାରକୀ ଫୁଟ୍‌ବଲ:ଶଶି ଇଲେଭେନ ବାନେର ଚାମ୍ପିଅନ୍

**କୋକସରା/ଲଡୁଗାଁ, ୧୫ ।୧(ସମିସ):** କୋକସରା ବ୍ଲକ ଆଁଇଲିଠାରେ ଚାଲିଥିବା ଡାକ୍ତର ମହେନ୍ଦ୍ର ମାଝୀ ସ୍ମାରକୀ ଷଷ୍ଠଦିବସୀୟ ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ ଖେଳ ସୋମବାର ଅନୁଷ୍ଠିତ ହୋଇଛି । ଫାଇନାଲ ଖେଳଟି ଛିନକାଗୁଡା ଓ ଶଶି ଏକାଦଶ ବାନେର ଫୁଟବଲ୍ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟ୍ରାଇବେକର୍‌ରେ ଛିନକାଗୁଡାକୁ ହରାଇ ଶଶି ଏକାଦଶ ବାନେର ଚାମ୍ପିଅନ୍ ହୋଇଛି । ଖେଳ ଶିକ୍ଷକ ଦେବୀପ୍ରସାଦ ସାହୁ ଓ ବିରଞ୍ଚି ଲାଲ୍ ବାଗ ଖେଳ ପରିଚାଳନା କରିଥିଲେ । ଅଜୟ ଦିପ ଓ ସୁଦାମ ନାଗ ଧାରା ବିବରଣୀ ପ୍ରଦାନ କରିଥିଲେ । ସ୍ୱର୍ଗତ ଡାକ୍ତର ଶ୍ରୀମାଝୀଙ୍କ ସୁପୁତ୍ର ତରୁଣ ମାଝୀ ଓ ପୁତ୍ରବଧୂ ଯଶୋବନ୍ତି ମାଝୀ ଖେଳରେ ଉପସ୍ଥିତ ଥିଲେ । ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ବିଜେପି ନେତା ଜନାର୍ଦ୍ଦନ ପଣ୍ଡା ମୁଖ୍ୟଅତିଥି, ଦୁର୍ଗାପ୍ରସାଦ ଅଗ୍ରୱାଲ, ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ଉଭୟ ବିଜେତା ବାନେର ଓ ଉପବିଜେତା ଛିନକାଗୁଡା ଦଳକୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଗ୍ରାମର ବିରଞ୍ଚି ବାଗ, କେଶବ ମାଝୀ, ପ୍ରେମଲାଲ ସାହୁ, ସୁବ୍ରତ ସାହୁ, ବିଷ୍ଣୁପ୍ରସାଦ ମାଝୀ, ରସିକଲାଲ ମାଝୀ, ରିଖୀରାମ ରାଉତ, କେଶବ ସବର, ଚୂଡ଼ାମଣି ମାଝୀ, ପିତାମ୍ବର ମାଝୀ, ତରୁମଣୀ ସାହୁ, ଦୁଃଖେନ୍ଦ୍ର ମାଝୀ, ଝାଡେଶ୍ୱର ମାଝୀ ଉପସ୍ଥିତ ଥିଲେ ।

# ନୂଆପଡା ଓ ବୋଡ଼େନରେ ମକର ମିଳନ ଉତ୍ସବ

**ନୂଆପଡା/ବୋଡ଼େନ,୧୫।୧(ସମିସ):** ସଂସ୍କୃତି ଭବନଠାରେ ନୂଆପଡା ନଗର ତରଫରୁ ମକର ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନୂଆପଡା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ କାର୍ଯ୍ୟରତ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ପ୍ରାର୍ଥନା ବନ୍ଦନା କରାଯିବାପରେ ମକର ଲଡୁ ବଣ୍ଟନ କରାଯାଇଥିଲା । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ମହେନ୍ଦ୍ର ନାଏକ, ଶିବାଜୀ ପଣ୍ଡା, ହେମନ୍ତ ଦଣ୍ଡସେନା, ଦୀନବନ୍ଧୁ ଦାସ, ଶୈଳେନ୍ଦ୍ର ଶତପଥି, ବିଜୟ ସାହୁ, ସଂଜୀବ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହିଭଳି ବୋଡ଼େନ ବ୍ଲକ ପବିତ୍ର ରାମ ତୀର୍ଥ ପାତଳଗଙ୍ଗାରେ ମଧ ମକର ମେଳା ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ମନ୍ଦିର, ଗାୟତ୍ରି ମନ୍ଦିର, ଦୁର୍ଗା ମନ୍ଦିର, ରାଧାକୃଷ୍ଣ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ରହିଥିଲା । ରାଧା କୃଷ୍ଣ ମନ୍ଦିରରେ ମକରମେଳାରେ ପ୍ରତିବର୍ଷ ଧାନ ସଂଗ୍ରହ କରାଯାଏ ବିଭିନ୍ନ ଆଞ୍ଚଳିକ କେନ୍ଦ୍ରରୁ ଧାନ ସବୁ ଆସିଥାଏ । ରାଧାକୃଷ୍ଣ ମନ୍ଦିର ପୂଜା କର୍ତ୍ତା ଭାବେ ପ୍ରଶ୍ନ ବାଗ ଓ ଧର୍ମପତ୍ନୀ ପ୍ରମିଳା ବାଗ କାର୍ଯ୍ୟ ତୁଲାଇ ଥିବାବେଳେ ମନ୍ଦିର ପରିସରରେ ଅନ୍ନଭୋଗ ଦିଆଯାଇଥିଲା । ମନ୍ଦିର ପରିଚାଳନା ସଭାପତି ହିତେଶ ବଗର୍ତି, ବୋଡେନ ବ୍ଲକ ସଭାପତି ରାଜୁ ହେର୍ଣ୍ଣା, ସୁରେଶ ବାଗ, ମାଧବ ବାଗ, ପ୍ରଜାପତି ବାଗ, ବେଦବ୍ୟାସ ନାଗ, ବିଷ୍ଣୁପତି ବାଗ, ବଳରାମ ହଂସ, ପ୍ରବିଣ ନିଆଲ ସହଯୋଗ କରିଥିଲେ ।



# ଅର୍ପଣ ରଥ ପରିକ୍ରମା ଜୁନାଗଡ଼ରେ ସମ୍ପନ୍ନ

**ଜୁନାଗଡ଼,୧୫।୧(ସମିସ):** ଘର ଘର ବୁଲି ନିମନ୍ତ୍ରଣ ସ୍ୱରୂପ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରି ଶ୍ରୀମନ୍ଦିରରେ ପହଞ୍ଚାଇବାର ସଂକଳ୍ପ ରହିଛି । ଏହି ଅର୍ପଣ ପ୍ରଥମ ଦିନରେ ରଥ ସହରର ଡଙ୍ଗାଘାଟପଡା ଜଗନ୍ନାଥ ମନ୍ଦିରରୁ ବାହାରି ସହରର ବିଭିନ୍ନ ପଡା ଓ ୧୨ଟି ୱାର୍ଡ ପରିକ୍ରମା କରି ଶ୍ରଦ୍ଧାଳୁଙ୍କଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ । ଏହି ରଥକୁ ଶେଷ ଦିନରେ ୯ ଓ ୧୦ ନମ୍ବର ୱାର୍ଡରେ ଭବ୍ୟ ସ୍ୱାଗତ କରାଯାଇଥିଲା । ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ମଧ ସଂକୀର୍ତ୍ତନ ଦଳ ସହିତ ମିଶି ନାଚି ନାଚି ଭାବାବେଗ ସୃଷ୍ଟି କରିବା ସହ ଆଧାତ୍ମିକ ସଚେତନତାର ବାର୍ତ୍ତା ଦେଇଥିଲେ । ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, ପାରିଷଦ ହିମାଦ୍ରୀ ସିନ୍ଦୁର, ଗୋପାଳ ଚନ୍ଦନ, କୁନା ଦଣ୍ଡସେନା, କୁନି ଶବର, ପୁଷ୍ପାଞ୍ଜଳି ଦଣ୍ଡସେନା, ପୂର୍ବତନ ନଗରପାଳ ମହେଶ ସାହୁ, ନୋଡାଲ ଅଫିସର ଅରୁଣ ବେହେରା, ସ୍ୱେଚ୍ଛାସେବୀ ଦୁର୍ଗା ନାଏକ, ସହରର ଅନେକ ଗଣ୍ୟ ମାନ୍ୟ ବ୍ୟକ୍ତି ସାମିଲ ହୋଇଥିଲେ ।



# କଳାହାଣ୍ଡି ଉତ୍ସବରେ ମହିଳାଙ୍କ ମଧ୍ୟରେ ପ୍ରତିଯୋଗିତା

**ଭବାନୀପାଟଣା, ୧୫।୧ (ସମିସ):** ୨୬ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ଅବସରରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଡା. ନିବେଦିତା ସାହୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସବିତା ପଟ୍ଟନାୟକ, ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଟେମଲାଲ ଦୁବେ, ସାମ୍ବାଦିକ ଦେବେନ୍ଦ୍ର ବିଶି ପ୍ରମୁଖ ଯୋଗ ଦେଇଥିଲେ । ମହିଳା ଉପକମିଟିର ଅଧ୍ୟକ୍ଷା ଜ୍ୟୋତିରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପକମିଟିର ସହଅଧ୍ୟକ୍ଷା ଯାଜ୍ଞସେନୀ ବେହେରା, ଆବାହକ ପ୍ରୀତି ପଟ୍ଟନାୟକ, ପୁଷ୍ପମିତ୍ରା କାନୁନଗୋ, ରାଜଲକ୍ଷ୍ମୀ ଦାସ ପରିଚାଳନା କରିଥିବାବେଳେ ନୂପୁର ପଟ୍ଟନାୟକ, ବସନ୍ତ ପଟ୍ଟନାୟକ, ସୁକାନ୍ତି ସରାଫ, ସରୋଜା ମହାନ୍ତି, ସଂଯୁକ୍ତା ସା ପ୍ରମୁଖ ସହଯୋଗ କରିଥିଲେ । ଅନୁଷ୍ଠିତ ଝୋଟି ପ୍ରତିଯୋଗିତାରେ ରୋଜି ବେହେରା ପ୍ରଥମ, ଅମୃତାଞ୍ଜଳି ପଣ୍ଡା ଦ୍ୱିତୀୟ, ସରୋଜିନୀ ସାହୁ ତୃତୀୟ, ହୁଳହୁଳିରେ ସୁବାସିନୀ ପାତ୍ର ପ୍ରଥମ, ଚନ୍ଦ୍ରକାନ୍ତି ଖୋସଲା ଦ୍ୱିତୀୟ, ନିବେଦିତା ମହାନ୍ତି ତୃତୀୟ, ମେହେନ୍ଦୀ ପ୍ରତିଯୋଗିତାରେ ଭାଗ୍ୟଶ୍ରୀ ରାଉତ ପ୍ରଥମ, ସ୍ୱର୍ଣ୍ଣପୁଷ୍ପା ଦୁର୍ଗା ଦ୍ୱିତୀୟ, ଗାୟତ୍ରୀ ଗଉଡ଼ ତୃତୀୟ, ଶଙ୍ଖବାଦନରେ ଶାମୁକା ସାହୁ ପ୍ରଥମ, ଶୈଳବାଳା ବିଶ୍ୱାଳ ଦ୍ୱିତୀୟ, ଶଙ୍ଖସିନୀ ମୁଣ୍ଡ ତୃତୀୟ, ମ୍ୟୁଜିକ ଚେୟାରରେ ଶାରଦା ବେହେରା ପ୍ରଥମ, ସସ୍ମିତା ତ୍ରିପାଠୀ ଦ୍ୱିତୀୟ, ଯଶୋବନ୍ତୀ ସାହୁ ତୃତୀୟ, ଭଜନରେ ପ୍ରତିଭା ରଥ ପ୍ରଥମ, ସଂଯୁକ୍ତା ସାହୁ ଦ୍ୱିତୀୟ, ପ୍ରିୟମ୍ବଦା ମହାକୁଡ଼ ତୃତୀୟ, ଅନ୍ଧପୁଟୁଳି ପ୍ରତିଯୋଗିତାରେ କବିତା ପାଣିଗ୍ରାହୀ ପ୍ରଥମ, ଯଶୋବନ୍ତୀ ସାହୁ ଦ୍ୱିତୀୟ, ସସ୍ମିତା ମେହେର ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ଝୋଟି ପ୍ରତିଯୋଗିତାର ବିଚାରକ ଭାବେ ମିନତୀ ବେହେରା, ଗୀତା ପଟ୍ଟନାୟକ, ସଂଯୁକ୍ତା ସା, ହୁଳହୁଳି ପ୍ରତିଯୋଗିତାର ବିଚାରକ ଭାବେ ସରୋଜା ମହାନ୍ତି, ଛନ୍ଦିତା ଦାସ, ହେମା ସାଠୁଆ, ମେହେନ୍ଦୀ ପ୍ରତିଯୋଗିତାର ବିଚାରକ ଭାବେ ସୁଲୋଚନା ପାଢୀ, ଗୁରଦୀପ କୌର, ମନୀଷା ଦାସ, ଶଙ୍ଖବାଦନ ପ୍ରତିଯୋଗିତାରେ ବିଚାରକ ଭାବେ ଛନ୍ଦିତା ଦାସ, ହେମା ସାଠୁଆ, ମମତା ତ୍ରିପାଠୀ, ମ୍ୟୁଜିକ ଚେୟାରରେ ବିଚାରକ ଭାବେ ବସନ୍ତ ପଟ୍ଟନାୟକ, ମନସା ଦାସ, ମମତା ତ୍ରିପାଠୀ, ଅନ୍ଧପୁଟୁଳିରେ ବିଚାରକ ଭାବେ ସରୋଜା ମହାନ୍ତି, କେ. ଇନ୍ଦିରା, ବସନ୍ତ ପଟ୍ଟନାୟକ, ଭଜନ ପ୍ରତିଯୋଗିତାରେ ବିଚାରକ ଭାବେ ସସ୍ମିତା ରଥ, ସସ୍ମିତା ମହାନ୍ତି, ନମିତା ମିଶ୍ର ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ ।

# ଜିଲ୍ଲାସ୍ତରୀୟ ସଂକୀର୍ତ୍ତନ ମହାସଙ୍ଘର ବାର୍ଷିକ ଉତ୍ସବ

**ବୌଦ୍ଧ, ୧୫।୧(ସମିସ):** ପାତଳୀ ଶ୍ରୀକ୍ଷେତ୍ର ନାଏକପଡା ଗୁମ୍ଫା ଠାରେ ଜିଲ୍ଲାସ୍ତରୀୟ ସଂକୀର୍ତ୍ତନ ମହାସଙ୍ଘର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ଧରି ଏଠାରେ ଚାଲିଥିବା ଅହୋରାତ୍ର ସଂକୀର୍ତ୍ତନରେ ଜିଲ୍ଲାର ୧୨୦ଟି ସଂକୀର୍ତନ ମଣ୍ଡଳୀ ଭାଗ ନେଇଥିଲେ । ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପ୍ରଦୀପ ଅମାତ, ସମ୍ମାନିତ ଅତିଥି ଭାବେ ହରଭଙ୍ଗା ବ୍ଲକ ଲୋକକଳା ସଂସ୍କୃତି ସଙ୍ଘ ଉପ ସଭାପତି ବାଞ୍ଛାନିଧି ପ୍ରଧାନ, ବୌଦ୍ଧ ବ୍ଲକ ଲୋକକଳା ସଂସ୍କୃତି ସଙ୍ଘ ଉପ ସଭାପତି ସ୍ୱାଧୀନ ପରିଡା, ବାମଣ୍ଡା ପଞ୍ଚାୟତ ସରପଞ୍ଚ ଇନ୍ଦୁମତୀ ଝାଙ୍କର, ସମିତି ସଭ୍ୟା କୁମୁଦିନୀ ସେଠୀ, ଜିଲ୍ଲା ସଂକୀର୍ତ୍ତନ୍ୟ ମଣ୍ଡଳ ସଭାପତି ମନରଞ୍ଜନ ସାହୁ, ସମ୍ପାଦକ ଅତିରାତ୍ର ପ୍ରଧାନ, ବାବା ଗୋପାଳ ଦାସ ପ୍ରମୁଖ ଯୋଗ ଦେଇଥିଲେ ।



# ଗାଁ ମାରାଗୁଡ଼ାରେ ମୌଳିକ ସୁବିଧା ବିପର୍ଯ୍ୟସ୍ତ

ନୂଆପଡ଼ା, ୧୫।୧(ସମିସ)

ନୂଆପଡ଼ା ଜିଲ୍ଲାର ଦୁର୍ଗମ ସୁନାବେଡା ଅଭୟାରଣ୍ୟ ଭିତରେ ଥିବା ମାରାଗୁଡା ଭଳି ଉପାନ୍ତ ଗାଁରେ ବହୁ ଦଶନ୍ଧି ପରେ ସରକାର ବିଜୁଳି ବ୍ୟବସ୍ଥା କରିଛନ୍ତି । ହେଲେ ବିଭାଗୀୟ କର୍ମଚାରୀଙ୍କ ଉଦାସୀନତା ଯୋଗୁଁ ବ୍ୟବସ୍ଥା ଢିଲା ପଡ଼ିଯାଇଥିବା ଅଭିଯୋଗ ହୋଇଛି । ସବୁ ବ୍ୟବସ୍ଥା ଥାଇ ଲୋକେ ଅନ୍ଧାରରେ ଡିବିରି ଭରସାରେ ରହୁଥିବା ଦେଖାଯାଇଛି । ଜିଲ୍ଲା ସଦର ମହକୁମାଠାରୁ ଦୁର୍ଗମ ଜଙ୍ଗଲ ଭିତରେ ୧୧/୧୨କିମି ଦୂରରେ ରହିଛି କେରମେଲି ଗ୍ରାମପଞ୍ଚାୟତର ମାରାଗୁଡା ଗାଁ । ପତୋରା ଡ୍ୟାମ ନିର୍ମାଣ ସମୟରେ ବୁଡି ଗ୍ରାମର ଗରିବ ଅଧିବାସୀମାନେ ଏକ ଜଙ୍ଗଲ ଇଲାକାରେ ଘର ରହି ଆସିଥିଲେ । କ୍ରମେ ଏହା ମାରାଗୁଡା ଗାଁର ମାନ୍ୟତା ପାଇଥିଲା । ଗାଁରେ ୨୦/୨୫ଟି ଆଦିବାସୀ ପରିବାର ବସବାସ କରୁଛନ୍ତି । ଏମାନଙ୍କ କୌଳିକ ବୃତି କହିଲେ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ସାଙ୍ଗକୁ ପତୋରା ଡ୍ୟାମ ପାଣିରୁ ମାଛ ଧରି ପେଟ ପୋଷିବା । ରାଜସ୍ୱ ଗ୍ରାମ ହୋଇ ନଥିଲେ ମଧ ସବୁ ବ୍ୟବସ୍ଥା କରିବାକୁ ଜିଲ୍ଲାପ୍ରଶାସନ ଅଣ୍ଟା ଭିଡିଥିଲା । ଗାଁ ଲୋକଙ୍କୁ ଆବାସ ଯୋଜନାରେ ଘର, ପାନୀୟଜଳ ସକାଶେ ନଳକୂଅ, ସୋଲାର ପାଣି ଟାଙ୍କି ବ୍ୟବସ୍ଥା ମଧ୍ୟ କରାଯାଇଛି । ହେଲେ ଏଠାରେ କୌଣସି ବି ବ୍ୟବସ୍ଥା ଫେଲ ହେଲେ ସହଜରେ କୌଣସି ବିଭାଗ ଶୁଣୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗାଁରେ ମୋଟ ୪ଟି ବିଜୁଳି ଖମ୍ବ ରହିଛି । ସମସ୍ତ ପରିବାରକୁ ବିଜୁଳି ସଂଯୋଗ ହୋଇଛି । ଘର ବାହାରେ ମିଟର ରିଡିଂ ମଧ ହେଉଛି । ହେଲେ ଗାଁ ମୁଣ୍ଡରେ ଥିବା ରାମସିଂ ରାଉତ, ଜୟରାମ ରାଉତ, ମନୋଜ ରାଉତଙ୍କ ଘରେ ବିଜୁଳି ବତି ଜଳୁଥିବାବେଳେ ବାକି ସବୁ ପରିବାର ଅନ୍ଧାରରେ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏନେଇ କାହାକୁ ଅଭିଯୋଗ କରିବେ ତାହା ଜାଣିନାହାନ୍ତି ବୋଲି କହିଛନ୍ତି । ଏହା ଉପରେ ବିଜୁଳି ବିଭାଗ ସହ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।





# ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ସ୍ୱୀକୃତିପତ୍ର ବଣ୍ଟନ ଉତ୍ସବ

**ଖଡ଼ିଆଳ,୧୫।୧(ସମିସ):** ଖଡ଼ିଆଳ ଏନଏସିର ଭିନ୍ନ ଭିନ୍ନ ୱାର୍ଡରେ ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ମଞ୍ଜୁରୀ ହୋଇଛି । ଏସବୁର ସ୍ୱୀକୃତି ପତ୍ର ବଣ୍ଟନ କରାଯାଇଛି । କଲ୍ୟାଣ ମଣ୍ଡପ ୨ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ଏସବୁ ପ୍ରଦାନ କରିଛନ୍ତି । ୯ଟି ପ୍ରକଳ୍ପ ପାଇଁ ୮୫ଲକ୍ଷ ଟଙ୍କା ଅର୍ଥ ବରାଦ ହୋଇଛି । କ୍ଷତ୍ରିୟ ଭବନ ନିର୍ମାଣ ନେଇ ୧୦ ଲକ୍ଷ ଅର୍ଥ ମଞ୍ଜୁର ହୋଇଥିବା ବେଳେ ସାହୁ ସମାଜ ଭବନ ନିର୍ମାଣ ନେଇ ୧୦ ଲକ୍ଷ, ଶିଖ ସମାଜ ଗୁରୁଦ୍ୱାର ଠାରେ ଉନ୍ନୟନ କାର୍ଯ୍ୟ ପାଇଁ ୭ଲକ୍ଷ ମଞ୍ଜୁର ହୋଇଛି । ଆମ୍ବେଦକର ଭବନ ପାଇଁ ୧୦ ଲକ୍ଷ, ଜୟ ସତନାମ ଭବନ ନିର୍ମାଣ ସକାଶେ ୧୦ ଲକ୍ଷ, ଲାଳସାହେବ ପଡ଼ା ଅଷ୍ଟପ୍ରହରି ମଣ୍ଡପ ପାଇଁ ୧୦ ଲକ୍ଷ ଟଙ୍କା ଏବଂ ଗୋକୁଳ ଗୋଷ୍ଠୀଗୃହ ସକାଶେ ୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏଥିସକାଶେ ସମ୍ପୃକ୍ତ ସମାଜ ତଥା ସଂଗଠନ ମୁଖ୍ୟଙ୍କୁ ସ୍ୱୀକୃତିପତ୍ର ପ୍ରଦାନ କରାଯାଇଛି ।



